ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.100 Bhubaneswar Monday, May 31, 2021 | ୨୪ତମ ବର୍ଷ ସଂଖ୍ୟା-୧୦୦ ଭୁବନେଶ୍ୱର ସୋମବାର, ମଇ ୩୧, ୨୦୨୧ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS



ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଲକ୍‌ଡାଉନ୍‌ରେ ଶୂନଶାନ୍

## ଜୁନ୍ ୧୭ ଯାଏଁ ବଢ଼ିଲା ଲକ୍ ଡାଉନ୍

ଭୁବନେଶ୍ୱର, ୩୦।୫(ପି.ଏନ): ରାଜ୍ୟରେ ପୁଣି ୧୬ ଦିନ ପାଇଁ ଲକ୍‌ଡାଉନ୍ ବଢ଼ାଇଛନ୍ତି ସରକାର। ମହାମାରୀ କରୋନା ପାଇଁ ଜୁନ୍ ୧୭ ତାରିଖ ସକାଳ ୫ଟା ପର୍ଯ୍ୟନ୍ତ ଲକଡାଉନ୍ ଅବଧିକୁ ବୃଦ୍ଧି କରାଯାଇଛି। ଲକ୍ ଡାଉନ୍ ବେଳେ ପୂର୍ବରୁ ଜାରି ସମସ୍ତ କଟକଣା ବଳବତର ରହିବ। ଏଥିସହ ସପ୍ତାହାନ୍ତ ସଟ୍ ଡାଉନ ମଧ୍ୟ ଜାରି ରହିବ। ତେବେ ଏହି ସମୟରେ ସ୍ୱାସ୍ଥ୍ୟସେବା, ଟେଷ୍ଟିଂ, ଟୀକାକରଣ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ କୌଣସି କଟକଣା ନାହିଁ। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର। ଅପରପକ୍ଷରେ ସଂକ୍ରମଣ କମୁଥିବା ୩ଟି ଜିଲ୍ଲାରେ ଲକ୍ ଡାଉନ୍ କଟକଣାକୁ ସାମାନ୍ୟ କୋହଳ କରାଯାଇଛି। କଟକଣା କୋହଳ ହୋଇଥିବା ଜିଲ୍ଲା ଗୁଡ଼ିକ ହେଲା ନୂଆପଡ଼ା, ଗଜପତି ଓ ସୁନ୍ଦରଗଡ଼। ଏହି ୩ଟି ଜିଲ୍ଲାରେ ସକାଳ ୭ଟାରୁ ଦିନ ୧ଟା ଯାଏଁ ଦୋକାନ ଖୋଲା ରହିବ। କିନ୍ତୁ ସେଲୁନ, ସ୍ପା ଓ ମଲ୍ ବନ୍ଦ ରହିବ। ଏହି ୩ଟି ଜିଲ୍ଲାରେ ସଂକ୍ରମଣ ବଢ଼ିଲେ ପୁଣି କଟକଣା ଲାଗୁ ହେବ। ବାକି ୨୭ ଜିଲ୍ଲାରେ ସଂକ୍ରମଣ କମିଲେ ପର୍ଯ୍ୟାୟ କ୍ରମେ କଟକଣା କୋହଳ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ପୂର୍ବରୁ ବିବାହ ଆଦି ସାମାଜିକ କାର୍ଯ୍ୟକ୍ରମରେ ଯେଉଁଭଳି ଅତିଥି ସଂଖ୍ୟା ଓ ଭୋଜି ଆୟୋଜନ ଉପରେ କଟକଣା ଥିଲା ତାହା ଜାରି ରହିବ। ପୂର୍ବଭଳି ମାଲ୍ ପରିବହନ, କୃଷି ସମ୍ବନ୍ଧୀୟ କାର୍ଯ୍ୟ, ଶିଳ୍ପ ସଂସ୍ଥା, ବ୍ୟାଙ୍କିଂ ବ୍ୟବସ୍ଥା ସହ ଅନ୍ୟାନ୍ୟ ଜରୁରୀକାଳୀନ ସେବା ଗୁଡିକ କଟକଣାମୁକ୍ତ ରହିବ। ସେ ଆହୁରି କହିଛନ୍ତି ଯେ ସଂକ୍ରମଣ ହ୍ରାସ ପାଇଥିଲେ ହେଁ କିଛି ଜିଲ୍ଲାରେ ପଜିଟିଭ୍ ହାର ଅଧିକ ରହିଛି। ଲକ୍ ଡାଉନ୍ ର ସୁଫଳ ମିଳିଛି। ସମୟରେ ପଦକ୍ଷେପ ନିଆଯାଇଥିବାରୁ ଅନ୍ୟ ରାଜ୍ୟ ଭଳି ଓଡିଶାରେ ହସ୍ପିଟାଲ ବେଡ୍ ଓ ଅକ୍ସିଜେନ୍ ଅଭାବ ଭଳି ସମସ୍ୟା ସୃଷ୍ଟି ହୋଇନାହିଁ। ଟେଷ୍ଟିଂ ଉପରେ ଗୁରୁତ୍ୱ ଦିଆଯାଉଛି।ଗତ ୨୫ ଦିନ ମଧ୍ୟରେ ପରୀକ୍ଷା ଓ ପଜିଟିଭ ଅନୁପାତ ଶତକଡ଼ା ୨୫ରୁ ୧୫କୁ ହ୍ରାସ ପାଇଛି । ପଶ୍ଚିମାଂଚଳର କେତେକ ଜିଲ୍ଲାରେ ସଂକ୍ରମଣ ହାର ହ୍ରାସ ପାଇଥିଲେ ସୁଦ୍ଧା ଖୋର୍ଦ୍ଧା, କଟକ ଓ ଅନୁଗୋଳ ଆଦି ଉପକୂଳ ଜିଲ୍ଲାମାନଙ୍କରେ ସଂକ୍ରମଣ ହ୍ରାସର ହାର କମ୍ ରହିଛି । ଏବେ ରାଜ୍ୟରେ ମୋଟାମୋଟି କୋଭିଡ୍ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି । କୋଭିଡ୍ ପରୀକ୍ଷା, ଚିକିତ୍ସା, ହସ୍ପିଟାଲରେ ଶଯ୍ୟା ଓ ଅମ୍ଳଜାନ ଆଦି ଯୋଗାଣ କ୍ଷେତ୍ରରେ ଓଡ଼ିଶା ଅନେକ ରାଜ୍ୟଠାରୁ ଭଲ ସ୍ଥିତିରେ ଅଛି । ଦୈନିକ କୋଭିଡ୍ ପରୀକ୍ଷାକୁ ୪୫ ହଜାରରୁ ୭୦ ହଜାରକୁ ବୃଦ୍ଧି କରାଯାଇଛି । ଅଧିକ ପରୀକ୍ଷା କରାଯାଉଥିଲେ ସୁଦ୍ଧା ପଜିଟିଭ ହାର ବଢ଼ିନାହିଁ । ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ କିଛି ଲୋକଙ୍କ ଅବହେଳା ଯୋଗୁଁ ଅନ୍ୟାନ୍ୟ ଅନେକ ଲୋକ ବିପଦଗ୍ରସ୍ତ ହେଉଛନ୍ତି । କୋଭିଡ୍ ମହାମାରୀ ଚଳନ୍ତି ଶତାବ୍ଦୀର ବଡ଼ ବିପର୍ଯ୍ୟୟ । ଏହାର ଭୟାବହତାକୁ ଉପଲବ୍ଧି କରି କୋଭିଡ୍ ନିୟମର ପୂର୍ଣ୍ଣ ପାଳନ କରିବା ସହ ଜନସାଧାରଣ ନିଜର ସହଯୋଗ ବଜାୟ ରଖିବାକୁ ଶ୍ରୀ ମହାପାତ୍ର ନିବେଦନ କରିଥିଲେ । ଉଲ୍ଲେଖ୍ୟଯୋଗ୍ୟ ରାଜ୍ୟରେ କରୋନାର ଦ୍ୱିତୀୟ ଲହରକୁ କାବୁ କରିବା ପାଇଁ ପ୍ରଥମେ ମେ ୫ରୁ ୧୯ ଯାଏଁ ଲକ୍ ଡାଉନ୍ ଘୋଷଣା ହୋଇଥିଲା। ଯାହାକୁ ପରେ ଜୁନ୍ ୧ ଯାଏଁ ଏବଂ ଆଜି ପୁଣି ଜୁନ୍ ୧୭ ଯାଏଁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି।

## ରାଜଧାନୀରେ ୨୪ ଘଂଟାରେ ୧୦୦୧ ପଜିଟିଭ୍, ୧୧୫୩ ସୁସ୍ଥ

ଭୁବନେଶ୍ୱର, ୩୦।୫(ପି.ଏନ): ରାଜଧାନୀରେ ପୁଣି ହଜାରେ ଟପିଛି ଦୈନିକ କରୋନା ସଂକ୍ରମଣ। ତେବେ ସଂକ୍ରମିତଙ୍କ ଠାରୁ ସୁସ୍ଥଙ୍କ ସଂଖ୍ୟା ଅଧିକ ରହିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ରବିବାର ଆଉ ୧୦୦୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୨୧୦ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୭୯୧ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୧୫୩ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ଚନ୍ଦ୍ରଶେଖରପୁରରୁ ସର୍ବାଧିକ ୪୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ପଟିଆରୁ ୪୨ ଜଣ, ଖଣ୍ଡଗିରି ରୁ ୪୧ଜଣ, ଡୁମଡୁମାରୁ ୩୫ ଜଣ, ନୟାପଲ୍ଲୀରୁ ୩୧ ଜଣ,ଓଲ୍ଡ ଟାଉନ୍ ଓ ପାତ୍ରପଡାରୁ ୨୮ ଜଣ ଲେଖାଏଁ, ଶୈଳଶ୍ରୀବିହାରରୁ ୨୬ ଜଣ, ଝାରପଡା ରୁ ୨୬ ଜଣ, ନିଳାଦ୍ରୀବିହାରରୁ ୨୫ ଜଣ, ୟୁନିଟ୍ ୯ ରୁ ୨୪ ଜଣ, ସହୀଦନଗର ଓ ଲକ୍ଷ୍ମୀସାଗରରୁ ୨୦ ଜଣ ଲେଖାଏଁ, ମଂଚେଶ୍ୱର ଓ ବରମୁଣ୍ଡାରୁ ୧୯ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ସେହିପରି ପଟିଆରୁ ୧୮ ଜଣ, ଚନ୍ଦ୍ରଶେଖରପୁର ଓ ବରମୁଣ୍ଡାରୁ ୧୩ ଜଣ ଲେଖାଏଁ, ଓଲ୍ଡଟାଉନ୍ ରୁ ୧୧ଜଣ, ନୟାପଲ୍ଲୀରୁ ୮ ଜଣ, ୟୁନିଟ୍ ୬ ଓ ଶୈଳଶ୍ରୀବିହାର ରୁ ୭ ଜଣ ଲେଖାଏଁ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୪୯୭୩ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୬୩୧୨୯ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୧୧୪୮୮ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୩୩୫ ରହିଛି।

## ୩ ଜୁନ ବେଳକୁ କେରଳ ଛୁଇଁବ ମୌସୁମୀ

ଭୁବନେଶ୍ୱର, ୩୦।୫(ପି.ଏନ): ଦକ୍ଷିଣ ପଶ୍ଚିମ ମୌସୁମୀ ୩ଜୁନ ବେଳକୁ କେରଳ ଛୁଇଁବା ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ବର୍ତମାନର ପାଣିପାଗ ସ୍ଥିତି ଅନୁଯାୟୀ ୧ଜୁନ ପରଠାରୁ କେରଳ ଉପରେ ଧୀରେ ଧୀରେ ଦକ୍ଷିଣ-ପଶ୍ଚିମ ବାୟୁ ଶକ୍ତିଶାଳୀ ହେବାର ସମ୍ଭାବନା ରହିଛି। ଯାହା ପ୍ରଭାବରେ ୧ଜୁନ ପରଠାରୁ କେରଳ ଉପରେ ବର୍ଷାର ପରିମାଣ ବୃଦ୍ଧି ହେବାର ସମ୍ଭାବନା ରହିଛି ।

### ୫ ଦିନ ଯାଏଁ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୩୦।୫(ପି.ଏନ): ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ବର୍ଷା ସମ୍ଭାବନା ରହିଛି। ଏହି ସମୟରେ ବଜ୍ରପାତ ସହ ଘଂଟା ପ୍ରତି ୩୦ରୁ ୪୦କିମି ବେଗରେ ପବନ ବହିପାରେ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ବାଲେଶ୍ୱର, ଯାଜପୁର, ଭଦ୍ରକ ଓ ନବରଙ୍ଗପୁର ଆଦିରେ କାଳବୈଶାଖୀ ବର୍ଷା ସମ୍ଭାବନା ରହିଛି। କାଳବୈଶାଖୀ ସମୟରେ ୩୦ରୁ ୪୦କିମି ବେଗରେ ପବନ ହେବାର ବି ସମ୍ଭାବନା ରହିଛି। ଏଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସେହିପରି ୩୧ ତାରିଖରୁ ୧ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ଯାଜପୁର, ବାଲେଶ୍ୱର ଓ ଭଦ୍ରକ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ସମ୍ଭାବନା ଥିବା ନେଇ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଗୋଟିଏ ଦିନରେ ୯୫୪୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୩୦।୫(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୯୫୪୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୫୬୬୮୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୬୫୭୧୩୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୯୫୨୬୬ ରହିଛି । ଆଜି ଚିହ୍ନଟ ହୋଇଥିବା ୯୫୪୧ ଜଣଙ୍କ ମଧ୍ୟରୁ ୫୩୪୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୧୯୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରେ ସବୁଠାରୁ ଅଧିକ ୧୩୪୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୬୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୦୨ ଜଣ, ବରଗଡ଼ରୁ ୨୮୪ ଜଣ, ଭଦ୍ରକରୁ ୪୬୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୦୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୭୭, କଟକରୁ ୭୧୬ ଜଣ, ଦେବଗଡ ଜିଲ୍ଲାରୁ ୬୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୭୭ ଜଣ, ଗଜପତି ଜିଲ୍ଲାରୁ ୬୯, ଗଞ୍ଜାମରୁ ୧୫୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୯୯ ଜଣ, ଯାଜପୁରରୁ ୪୮୯ ଜଣ, ଝାରସୁଗୁଡ଼ାରୁ ୧୪୦ ଜଣ, କଳାହାଣ୍ଡିରୁ ୩୧୫ ଜଣ, କନ୍ଧମାଳ ଜିଲ୍ଲାରୁ ୧୦୭ ଜଣ. କେନ୍ଦ୍ରାପଡ଼ାରୁ ୧୧୪ ଜଣ, କେନ୍ଦୁଝରରୁ ୧୭୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୩୪୨ ଜଣ, କୋରାପୁଟରୁ ୨୧୫ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୯୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୬୯୫ ଜଣ, ନବରଙ୍ଗପୁରରୁ ୨୫୪ ଜଣ, ନୟାଗଡ଼ରୁ ୨୩୦ ଜଣ, ନୂଆପଡ଼ାରୁ ୫୦ ଜଣ, ପୁରୀରୁ ୫୨୮ ଜଣ, ରାୟଗଡ଼ାରୁ ୧୬୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୨୯ ଜଣ, ସୋନପୁରରୁ ୨୪୫ ଜଣ, ସୁନ୍ଦରଗଡ଼ରୁ ୫୯୫ ଜଣ ଓ ଷ୍ଟେଟ୍ ପୁଲରୁ ୨୨୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## କ୍ଷେତ୍ରପାଳ ଗ୍ରାମର ବିଶିଷ୍ଟ ବ୍ୟକ୍ତି ରଘୁନାଥ ସାମନ୍ତରାୟଙ୍କ ପରଲୋକ



ଚଣ୍ଡିଖୋଲ,୩୦।୫(ପି.ଏନ): କ୍ଷେତ୍ରପାଳ ଗ୍ରାମର ବିଶିଷ୍ଟ ବ୍ୟକ୍ତି ରଘୁନାଥ ସାମନ୍ତରାୟଙ୍କ ୮୪ ବର୍ଷ ବୟସରେ କଟକସ୍ଥିତ ପୁତ୍ର ସନ୍ତୋଷ ସାମନ୍ତରାୟଙ୍କ ବାସଭବନରେ ପରଲୋକ ହୋଇଯାଇଅଛି। ତାଙ୍କ ବିୟୋଗରେ ଅଞ୍ଚଳର ଅନେକ ବିଶିଷ୍ଟ ବ୍ୟକ୍ତି ବିଶେଷ ଶୋକ ପ୍ରକାଶ କରିଛନ୍ତି। କ୍ଷେତ୍ରପାଳ ଗ୍ରାମର ସ୍ୱର୍ଗତ ବାସ୍ଥାନିଧି ସାମନ୍ତରାୟ ଓ ତେଲୁଣି ଦେବୀଙ୍କ ମଧ୍ୟମ ପୁତ୍ର ରଘୁନାଥ ସାମନ୍ତରାୟ ଜଣେ ମୁରବୀ ଶ୍ରେଣୀୟ ପରୋପକାରୀ ତଥା ଧର୍ମପରାୟଣ ବ୍ୟକ୍ତିଥିଲେ। ସେ ସ୍ୱର୍ଗତ ଅର୍ଜ୍ଜୁନ ସାମନ୍ତରାୟଙ୍କ ସାନ ଭାଇ, ଏକାଦଶୀ ସାମନ୍ତରାୟଙ୍କ ବଡ଼ ଭାଇ, ଶ୍ରୀ ଦୁର୍ଯ୍ୟୋଧନ ପ୍ରହରାଜ, ଶ୍ରୀ ସୁବାସ ସାହୁ, ଶ୍ରୀ ଟୁକୁନା ମହାନ୍ତି, ବିଜୁ ଜନତାଦଳର ଯାଜପୁର ଜିଲ୍ଲା ସାଧାରଣ ସମ୍ପାଦକ ଡକ୍ଟର ପ୍ରିୟନାଥ ମହାପାତ୍ରଙ୍କ ଶ୍ୱଶୁର, ବିଭୂତି ଭୂଷଣ ସାମନ୍ତରାୟ ତଥା 'ପର୍ଯ୍ୟବେକ୍ଷକ' ଓ ଦି କଳିଙ୍ଗକ୍ରୋନିକିଲର ସମ୍ପାଦକ ଡକ୍ଟର ପ୍ରବିତ୍ରମୋହନ ସାମନ୍ତରାୟଙ୍କ ବଡ଼ ବାପା, ଶ୍ରୀମତୀ ଜ୍ୟୋତ୍ସ୍ନା, କାଞ୍ଚନ, ସାରଥୀ ଓ ପୁଷ୍ପଲତା ସାମନ୍ତରାୟଙ୍କ ବାପା ଥିଲେ।

## ଜୁନ ୫ ରେ ମାଓବାଦୀଙ୍କ ପକ୍ଷରୁ ବନ୍ଦ ଡାକରା

ମାଲକାନଗିରି, ୩୦।୫(ପି.ଏନ): ମାଓବାଦୀଙ୍କ ଦଣ୍ଡକାରଣ୍ୟ ସିପିଆଇ ସଂଗଠନ ପକ୍ଷରୁ ଆସନ୍ତା ଜୁନ ୫ ତାରିଖରେ ବନ୍ଦ ଡାକରା ଦିଆଯାଇଛି । ମାଲକାନଗିରି ଜିଲ୍ଲା ସୀମାନ୍ତବର୍ତ୍ତୀ ଛତିଶଗଡ ରାଜ୍ୟ ମାଓ ସଂଗଠନ ପକ୍ଷରୁ ମାଓ ନେତା ବିକଳ୍ପ ପ୍ରେସ ବିଜ୍ଞପ୍ତିରେ ଲେଖିଛନ୍ତି, ଯେ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଆଦିବାସୀ ଅଂଚଳରେ କେନ୍ଦ୍ରୀୟ ଯବାନ ମୃତୟନ କରି ନୂତନ ଶିବିର ପ୍ରତିଷ୍ଠା କରି ଆଦିବାସୀଙ୍କୁ ନିର୍ଯାତନା ଦେବା ସହ ଜଳ, ଜମି ଓ ଜଙ୍ଗଲ ହକକୁ ଛଡାଇବା ପାଇଁ ଉଦ୍ୟମ କରୁଥିବାରୁ ପ୍ରଜା ବିରୋଧୀ ଆନ୍ଦୋଳନ କରି ନିଜର ହକ ପାଇଁ ଲଢେଇ କରୁଥିବା ଜନତାଙ୍କ ପକ୍ଷରୁ ଏହି ବନ୍ଦ ଆହ୍ୱାନ ଦିଆଯାଇଛି । କେନ୍ଦ୍ର ବ୍ରାହ୍ମଣ, ହିନ୍ଦୁତ୍ୱ, ଫାସିବାଦ, ଭାଜପା ସରକାର ଏବଂ ରାଜ୍ୟ ଜନବିରୋଧୀ କଂଗ୍ରେସ ମୁଖ୍ୟମନ୍ତ୍ରୀ ଙ୍କ ସରକାର ଯେଉଁ ଜନବିରୋଧୀ ଓ ଦେଶଦ୍ରୋହୀଙ୍କ ବିରୋଧରେ ଆନ୍ଦୋଳନ ତୀବ୍ରତର କରିବାକୁ ଆହ୍ୱାନ ଦିଆଯାଇଥିବାବେଳେ ଏନକାଉଂଟର ନାମରେ ନିରୀହଙ୍କୁ ହତ୍ୟା, ମାଓବାଦୀ ସମର୍ଥନ କରୁଥିବା ନାମରେ ନିରୀହ ଆଦିବାସୀଙ୍କୁ ନିର୍ଯ୍ୟାତନା ବିରୋଧରେ ଆନ୍ଦୋଳନ ହେଉଥିବାରୁ ଏହି ବନ୍ଦ ଡାକରା ଦିଆଯାଇଥିବା ଦର୍ଶାଯାଇଛି ।

## କରୋନା ଛଡ଼ାଇ ନେଇଛି ଜୀବନ ଜିବୀକା

ବାରିପଦା,୩୦।୫(ପି.ଏନ): କରୋନା ମହାମାରୀ ବାଉଁଶ କାରୀଗରମାନଙ୍କ ନିକଟରୁ ଛଡ଼ାଇ ନେଇଛି ଜୀବନ ଜିବୀକା। ଘରେ ବସି ପ୍ରତ୍ୟେକ ଦିନ ୬ ଶହ ଟଙ୍କାରୁ ଅଧିକ ଆୟ ଉପାର୍ଜନ କରୁଥିବା ବେଳେ ବର୍ତମାନ ସହରରେ ଦିନ ସାରା ଚକ୍କର କାଟିବା ପରେ ବହୁ କଷ୍ଟରେ ମିଳୁଛି ୨ ଶହ ଟଙ୍କାରୁ କମ୍। ବେପାରୀମାନେ ଆସି ଘରୁ ଯେଉଁ ସାମଗ୍ରୀକୁ ୮୦ ଟଙ୍କା ମୂଲ୍ୟରେ କିଣି ନେଇ ଯାଉଥିଲେ, ତାହାକୁ ଲୋକେ ୩୦ ଟଙ୍କାରେ କିଣୁଛନ୍ତି । ପୁଣି ବହୁ କଷ୍ଟରେ ଓ ମୂଲଚାଲ କରିବା ପରେ। ଫେରି କରି ଯେଉଁ ଅର୍ଥ ଉପାର୍ଜନ ହେଉଛି, ସେଥିରେ ପରିବାରର ଗୁଜୁରାଣ ମେଣ୍ଟୁ ନାହିଁ । ସରକାର ଟଙ୍କାକିଆ ଚାଉଳ ସିନା ଯୋଗାଇ ଦେଇଛନ୍ତି, ମାତ୍ର ତେଲ, ଲୁଣ ଓ ପରିବା ନୁହେଁ । ବର୍ତମାନ ଏହି ତେଲ, ଲୁଣ ଆଦିର ମୂଲ୍ୟ ଏତେ ପରିମାଣରେ ବୃଦ୍ଧି ପାଇଛି ଯେ, ନାମ ଶୁଣିବାକୁ ଭୟ ଲାଗୁଛି ବୋଲି କହିଛନ୍ତି ବାଉଁଶରୁ ନିର୍ମିତ କୁଲା, ପାଛିଆ ଓ ଡ଼ଲା ମୁଣ୍ଡରେ ମୁଣ୍ଡାଇ ବାରିପଦା ସହରରେ ଘୁରିବୁଲି ବିକ୍ରି କରୁଥିବା ସହରର ୧୫ ନମ୍ବର ୱାର୍ଡ଼ର ବାଉଁଶ କାରିଗର ମୀନା କୁଅଁର(୫୫) ଓ ସାରଥୀ ସେନାପତି(୩୮) । ମୀନା କୁଅଁରଙ୍କ କହିବା ଅନୁସାରେ ତାଙ୍କ ସାହିରେ ପ୍ରାୟ ଶହେରୁ ଅଧିକ ପରିବାର ବାଉଁଶ କିଣି ସେଥିରୁ କୁଲା, ବିଂଚଣା, ପାଛିଆ, ଡଲା, ଚହ୍ଲା ଆଦି ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରିଥାନ୍ତି। ଉକ୍ତ ସାମଗ୍ରୀଗୁଡ଼ିକୁ କଟକ, ଭୁବନେଶ୍ୱର ଆଦି ଅଞ୍ଚଳରୁ ବେପାରୀମାନେ ଆସି ଘରୁ ନେଇଯାଉଥିଲେ। ଏଥିରେ ଦୈନିକ ୫ / ୬ ଶହ ଟଙ୍କାରୁ ଅଧିକ ଆୟ ଉପାର୍ଜନ ହେଉଥିଲା। ସେଥିରେ ମୋର ୫ ଜଣ ପରିବାର ଛଳି ଯାଉଥିଲା। ମାତ୍ର କରୋନା କଟକଣାକାରଣରୁ ବେପାରୀମାନେ କିଣିବାକୁ ଆସୁ ନାହାନ୍ତି । ଫଳରେ ବାରିପଦା ସହରରେ ଦୈନିକ ଚକ୍କର କାଟି ମୁଣ୍ଡରେ ପାଛିଆ, ଡଲା ଆଦି ଧରି ଦୁଆର ଦୁଆର ବୁଲି ବିକ୍ରି କରିବାକୁ ପଡୁଛି। ପୂର୍ବରୁ ଯେଉଁ କୁଲାକୁ ଶହେ ଟଙ୍କାରୁ ଅଧିକ ମୂଲ୍ୟରେ ବିକ୍ରି କରୁଥିଲି, ଆଜି ଜଣେ ୩୦ ଟଙ୍କାରେ କିଣିଲା । ପୁଣି ବହୁ ସମୟ ଧରି ମୂଲଚାଲ କରିବା ପରେ। ସକାଳୁ ଘରୁ ବାହାରି ଆସିଛି, ବେଳ ଆସି ମୁଣ୍ଡ ଉପରେ ହେଲାଣି। ମାତ୍ର ଶହେ ଟଙ୍କାର ଜିନିଷ ବିକିଛି। ଘରେ ଜମିବାଡ଼ି ନାହିଁ । କେବଳ ଘର ଡିହ ଖଣ୍ଡିଏ ରହିଛି । ଜଣେ ବିଧବା ସ୍ତ୍ରୀ ଲୋକ ହୋଇଥିଲେ ମଧ୍ୟ ବିଧବା ଭତା ମିଳିପାରୁ ନାହିଁ। ପ୍ରଧାନମନ୍ତ୍ରୀ ଘର ଖଣ୍ଡିଏ ମିଳିପାରୁ ନାହିଁ । କହୁଛନ୍ତି ପ୍ରଥମେ ନିଜେ କିଛି ଟଙ୍କା ଖର୍ଚ୍ଚ କରି ଘର ନିର୍ମାଣ କରିପାରୁଥିବା ଲୋକଙ୍କୁ ଘର ମିଳୁଛି । ଆମେ ଟଙ୍କା ଖର୍ଚ୍ଚ କରି ଘର ତିଆରି କରିବାକୁ ଟଙ୍କା ଆଣିବୁ କେଉଁଠାରୁ । କେବଳ ନିଜ ପୋଡ଼ା କପାଳକୁ ଆଦରି ବଂଚି ରହିଛୁ ବୋଲି ମୀନା କୁଅଁର କହିଛନ୍ତି । ସେହିପରି ସାରଥୀ ସେନାପତିଙ୍କ କହିବା ଅନୁସାରେ ସରକାର ଆମକୁ ଚାଉଳ ଯୋଗାଇ ଦେଉଛନ୍ତି, କିନ୍ତୁ ତେଲ, ଲୁଣ, ପରିବା ନୁହେଁ । ବଜାରରେ ଦରଦାମ ଏପରି ବଢ଼ିଛି ଯେ, ତେଲ, ଲୁଣ, ପରିବା ନାମ ଶୁଣିବାକୁ ଡ଼ର ଲାଗୁଛି । ମୋର ୧୨ ଜଣ ପରିବାରକୁ ଚଳାଇବା କଷ୍ଟକର ହୋଇପଡ଼ିଛି । ଏହି ପୋଡ଼ା ମୁହାଁ କରୋନା କେଉଁଠାରୁ ଆସିଲା ଯେ, ଆମକୁ ବଂଚିଥାଉ ଥାଉ ଭୋକରେ କଲବଲ କରାଇ ମାରି ଦେଉଛି ବୋଲି ଏକ ଦୀର୍ଘଶ୍ୱାସ ଛାଡ଼ି କହିଛନ୍ତି ।

MAHARISHI PUBLIC SCHOOL (logo)

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଉଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା



ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି ।

### ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।



## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆର୍ଡ୍ସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ 'ଜଙ୍ଗଲ୍ସ ଇନ୍ ପ୍ୟାରିସ୍' ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।



## ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷୀୟ ଧ୍ୟାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧ୍ୟାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧ୍ୟାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧ୍ୟାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧ୍ୟାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମୀୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ରଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ମଇ ୩୧

# ଦୂରଦୃଷ୍ଟି ସମ୍ପନ୍ନ ଯୋଜନା

ସାମୁଦ୍ରିକ ବାତ୍ୟା 'ୟାସ୍' କ୍ଷୟକ୍ଷତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ତତ୍କାଳ ଆର୍ଥୀକ ସହାୟତା ଦାବି କରିବା ପରିବର୍ତ୍ତେ ବାତ୍ୟା ବିପର୍ଯ୍ୟାୟର ସ୍ଥାୟୀ ପ୍ରତିକାର ପାଇଁ କେନ୍ଦ୍ରୀୟ ସହାୟତା ଦାବି କରିବା ଏକ ଯଥାର୍ଥ ଏବଂ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ବୋଲି ନିସନ୍ଦେହରେ କୁହାଯାଇପାରିବ। ଏହା ସତ୍ୟ ଯେ, ବାତ୍ୟା, ବନ୍ୟା, ମରୁଡି ପରି ପ୍ରାକୃତିକ ବିପର୍ଯ୍ୟାୟ ଓଡ଼ିଶାର ଚୀର ସହଚର ପାଲଟି ଯାଇଛି। ଏଥିରେ କେହି ଦ୍ୱିମତ ହେବେ ନାହିଁ। ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଗତ ୫୦ ବର୍ଷ ମଧ୍ୟରେ ଓଡିଶା ପ୍ରାୟ ୨୦ଟି ସାମୁଦ୍ରିକ ବାତ୍ୟାର ସମ୍ମୁଖୀନ ହୋଇଛି। ସେଥିମଧ୍ୟରୁ ୧୯୭୧ ଅକ୍ଟୋବର ୩୦ରେ ଏବଂ ୧୯୯୯ ଅକ୍ଟୋବର ୨୯ରେ ହୋଇଥିବା ମହାବାତ୍ୟା ଅତି ଭୟଙ୍କର ଥିଲା। ୧୯୭୧ ମହାବାତ୍ୟାର ତାଣ୍ଡବ ଲୋକଙ୍କ ମନରୁ ପାଶୋରୀ ଯାଇଥିବାବେଳେ ୧୯୯୯ ରୁ ଧ୍ୱଂସକାରୀ ତାଣ୍ଡବ ଓ କ୍ଷତ ଏବେ ବି ଲୋକଙ୍କ ମନରୁ ଲିଭି ନାହିଁ। ଏହି ଦୁଇ ମହାବାତ୍ୟାରେ ସମୁଦ୍ର କୂଳ ଲଂଘିବା ଯୋଗୁଁ ଲୋକଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଇଥିବା ବେଳେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ବାସଚ୍ୟୁତ କରିଦେଇଥିଲା। କୁହାଯାଏ ଯେ, ୧୫ ମିଟର ଉଚ୍ଚରେ ସମୁଦ୍ର ଜୁଆର ମାଡି ଆସିଥିଲା। ୧୯୭୧ର ମହାବାତ୍ୟା କେନ୍ଦ୍ରାପଡା ଜିଲ୍ଲାକୁ ଶ୍ମଶାନ କରିଦେଇଥିବା ବେଳେ ୧୯୯୯ର ମହାବାତ୍ୟା ଜଗତସିଂହପୁର ଜିଲ୍ଲା ସହ ରାଜ୍ୟର ୧୪ଟି ଜିଲ୍ଲାରେ ରଚିଥିଲା ତାଣ୍ଡବ। କେବଳ ସମୁଦ୍ର ଜୁଆର ନୁହେଁ ଝଡ ପବନ ଯୋଗୁଁ ବିଦ୍ୟୁତ୍ ଭିତିଭୂମି ଭୁଷୁଡି ପଡିଥିଲା। ସେହିପରି ଫାଇଲିନ୍, ଫନି ପରି ବାତ୍ୟା ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ସମେତ ରାଜ୍ୟର ବହୁ ଜିଲ୍ଲାର ବିଦ୍ୟୁତ ଭିତିଭୂମିକୁ ସଂପୂର୍ଣ୍ଣ ଉଜୁଡାଇ ଦେଇଥିଲା। ସେହିପରି ବାତ୍ୟା ସମୟରେ ସମୁଦ୍ର ଜୁଆର ୫ ରୁ ୬ ମିଟର ଉଚ୍ଚତାରେ ଆସିବା ଏକ ନିତିଦିନିଆ ଘଟଣାରେ ପରିଣତ ରହିଛି। ଜୁଆର ଯୋଗୁଁ ଲକ୍ଷ ଲକ୍ଷ ହେକ୍ଟର ଚାଷ ଜମି ଲୁଣା ପାଣିରେ ବୁଡିଯାଇଥାଏ। ଫଳସ୍ୱରୁପ ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଥାଏ। ପ୍ରଧାନମନ୍ତ୍ରୀଙ୍କ ବାତ୍ୟା କ୍ଷୟକ୍ଷତି ବୈଠକରେ ଏହି ଦୁଇଟି କ୍ଷୟକ୍ଷତିର ସ୍ଥାୟୀ ପ୍ରତିକାର ପାଇଁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ବିପର୍ଯ୍ୟାୟ ନିରୋଧୀ ବିଦ୍ୟୁତ ଭିତିଭୂମି ଓ ଉପକୂଳ ସୁରକ୍ଷା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଉପକୂଳ ଜିଲ୍ଲାଗୁଡିକରେ ଅଣ୍ଡର ଗ୍ରାଉଣ୍ଡ(ଭୂମିତଳେ) ବିଦ୍ୟୁତ ସରବରାହ ବ୍ୟବସ୍ଥା ଏବଂ ୭୬ ମିଟର ଉଚ୍ଚତାର ସମୁଦ୍ର ଜୁଆରକୁ ରୋକିବା ପାଇଁ ଲୁଣା ବନ୍ଧ ନିର୍ମାଣ ପାଇଁ ଆର୍ଥୀକ ସହାୟତା ଦାବି କରିଛନ୍ତି। ଯାହାଦ୍ୱାରା ବିଦ୍ୟୁତ ସେବା ବ୍ୟାହତ ଏବଂ ଚାଷଜମି ଓ ଗ୍ରାମରେ ଲୁଣାପାଣି ପ୍ରବେଶକୁ ରୋକାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟର ଉପକୂଳରେ ସୁଦୀର୍ଘ ବେଳାଭୂମୀ ରହିଛି। ଓଡିଶା ଉପକୂଳର ଦୈର୍ଘ୍ୟ ୪୮୦ କିମି ରହିଛି। ଗଜପତିରୁ ଦିଘା ପର୍ଯ୍ୟନ୍ତ ଦୀର୍ଘ ୪୮୦ କିମି ଦୈର୍ଘ୍ୟ ସମୁଦ୍ର କୂଳରେ ଜୁଆର ନିରୋଧକ ଲୁଣାବନ୍ଧ ନିର୍ମାଣ ଏକ ଛୋଟିଆ ପ୍ରକଳ୍ପ ନୁହେଁ। କେନ୍ଦ୍ର ସରକାରଙ୍କ ବିନା ସହାୟତାରେ ଗୋଟିଏ ରାଜ୍ୟ ପାଇଁ ଏଭଳି ପ୍ରକଳ୍ପ ଆଦୌ ଚିନ୍ତା କରାଯାଇନପାରେ। ଓଡିଶାର ଉପକୂଳ ଅଂଚଳର ଲୋକଙ୍କୁ ବାତ୍ୟା ଦାଉରୁ ସୁରକ୍ଷିତ ରଖିବା ପାଇଁ ଏଭଳି ଯୋଜନା ସାଂପ୍ରତିକ ସମୟରେ ଅପରିହାର୍ଯ୍ୟ। ବାତ୍ୟା କ୍ଷୟକ୍ଷତି ଭରଣା ତଥା ଉଦ୍ଧାର, ରିଲିଫ, ଥଇଥାନ ଏବଂ ପୁନରୁଦ୍ଧାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର କୌଣସି ଆର୍ଥୀକ ସହାୟତା ଦାବି ନକରି କରୋନା କାଳରେ କେନ୍ଦ୍ର ଉପରେ ଆର୍ଥୀକ ବୋଝ ଲଦି ଦେବାକୁ ଚାହିଁ ନାହାଁନ୍ତି ସତ, ଭବିଷ୍ୟତରେ ବୃହତ ଯୋଜନା ପାଇଁ କେନ୍ଦ୍ର ଉପରକୁ ବିଲ୍ ଛାଡି ଦେଇଛନ୍ତି। ଏହି ଦୀର୍ଘସ୍ଥାୟୀ ଯୋଜନାକୁ ବାସ୍ତବ ରୂପଦେବା ପାଇଁ ଦଳମତ ନିର୍ବିଶେଷରେ ରାଜ୍ୟ ସମସ୍ତ ରାଜନୈତିକ ଦଳ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ସମୟ ଏବେ ଆସିଛି। ଓଡ଼ିଶାର ଉପକୂଳବାସୀଙ୍କୁ ବାତ୍ୟା ଓ ସାମୁଦ୍ରିକ ଜୁଆରରୁ ସବୁଦିନ ପାଇଁ ସୁରକ୍ଷିତ ରଖିବା ଲାଗି କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀ ଅବିଳମ୍ୱେ ଏହି ଦୀର୍ଘସ୍ଥାୟୀ ଯୋଜନାକୁ ବାସ୍ତବ ରୂପ ଦେବେ ବୋଲି ରାଜ୍ୟବାସୀ ଆଶାବାଦୀ। ଆମେ ସ୍ମରଣ କରାଇଦେବାକୁ ଚାହୁଁ ଯେ, କଟକ ସହରକୁ ଯେପରି ରିଙ୍ଗ ରୋଡ କାଠଯୋଡି ଓ ମହାନଦୀର କରାଳ ବନ୍ୟା ଦାଉରୁ ସବୁଦିନ ସୁରକ୍ଷିତ ରଖିପାରିଛି ସେହିପରି ବୃହତ ଲୁଣାବନ୍ଧ ଯୋଜନା ଉପକୂଳବାସୀଙ୍କୁ ଲୁଣା ଜୁଆର ଦାଉରୁ ସବୁଦିନ ପାଇଁ ସୁରକ୍ଷିତ ରଖିପାରିବ । ସେହିପରି ଭୂତଳ ବିଦ୍ୟୁତ ସରବରାହ ବ୍ୟବସ୍ଥା ମଧ୍ୟ ବିଦ୍ୟୁତ୍ କ୍ଷୟକ୍ଷତିକୁ ରୋକିବାରେ ସହାୟକ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ସମୀକ୍ଷା ବୈଠକରେ ରାଜ୍ୟ ସରକାର ବାତ୍ୟା କ୍ଷୟକ୍ଷତି ଭରଣା ପାଇଁ କୌଣସି ତତ୍କାଳ ଆର୍ଥୀକ ସହାୟତା ଦାବି କରିନଥିବା ବେଳେ ପ୍ରଧାନମନ୍ତ୍ରୀ ୫୦୦ କୋଟି ଟଙ୍କା ବାତ୍ୟା ପାଇଁ ସହାୟତା ଘୋଷଣା କରିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କହିବା ବାହୁଲ୍ୟ ଯେ, ପ୍ରତି କଥାରେ ରାଜ୍ୟ ସରକାର ତଥା କ୍ଷମତାସୀନ ବିଜେଡି ଓଡ଼ିଶା ପ୍ରତି କେନ୍ଦ୍ରର ବୈମାତୃକ ଭାବ ସ୍ଲୋଗାନ ଦୀର୍ଘ ବର୍ଷ ଧରି ଦେଇ ଆସୁଥିବାବେଳେ ଏବେ ହୁଏତ ଏଭଳି ନାରା ଦେବାକୁ ଆଉ ସୁଯୋଗ ପାଇବେ ନାହିଁ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଶୋକ ସଭା



ଇଂ.ବିଦ୍ୟାଧର ପଣ୍ଡା

ଆଜି ମୁଁ ଅତ୍ୟନ୍ତ ମର୍ମାହତ। ଏ କରୋନା ରୋଗ କୋଉଠୁଁ ଆସିଲା କେଜାଣି, ବହୁତ ଭଲଭଲ ଲୋକଙ୍କୁ ଆମଗହଣରୁ ଟେକି ନେଇ ଚାଲିଯାଉଛି। ସାର୍ ମୋ'ପାଇଁ ଜଣେ ଦେବତୁଲ୍ୟ ଲୋକ ଥିଲେ। ସେ ମୋତେ ମାଗଣା ଟ୍ୟୁସନ୍‌କରି ଶ୍ରେଣୀରେ ପ୍ରଥମସ୍ଥାନକୁ ଉଠାଇଥିଲେ। ହେଲେ ତାଙ୍କର ଦୁର୍ଦ୍ଦିନରେ ମୁଁ ତା'ଙ୍କୁ କିଛି ସାହାଯ୍ୟ କରିପାରିଲିନି। ମୋର ଡାକ୍ତରହେବା ପଛରେ ତା'ଙ୍କର ବହୁତ ହାତଅଛି। ସେଦିନ ଯଦି ସାର୍ ମୋ'ବାପାଙ୍କୁ ବୁଝେଇ ମୋତେ ପ୍ରବେଶିକା ପରୀକ୍ଷାରେ ବସେଇ ନଥାନ୍ତେ, ତେବେ ଆଜି ମୁଁ ଡାକ୍ତରଟିଏ ଆଦୌ ହୋଇ ପାରିନଥାନ୍ତି। ଦିବଂଗତ ଆତ୍ମାର ସଦ୍ଗତି କାମନାପୂର୍ବକ ମୁଁ ମୋର ବାଣୀକୁ ଏଇଠି ବିରାମ ଦେଉଛି।ନ୍ତ-ଦାମସାର୍‌ଙ୍କର ଏକାଦଶାହ ଦିନ ଆୟୋଜିତ ଶୋକସଭାରେ ତା'ଙ୍କର ପ୍ରିୟଛାତ୍ର ଡାକ୍ତର ନବବାବୁଏପରି କହି ନିଜର ରୁମାଲରେ ଆଖି ପୋଛିଲେ। ନ୍ତ ମୋ କଣ୍ଠ ଆଜି ରନ୍ଧ ହୋଇ ଆସୁଛି, ଗଳା ଶୁଖି ଯାଉଛି, ମୁଁ ବିଶ୍ୱାସ କରିପାରୁନି ଯେ ଦାମସାର୍ ଆମଗହଣରେ ନାହାନ୍ତି। ସେଦିନ ମୋତେ ସେ ଚରିବେତ ଯୋଡି ଯେମିତି ପାହାର ଦେଇଥିଲେ, ତା'ରି ବଦଳରେ ଆଜି ମୁଁ ମଣିଷ। ତା'ଙ୍କର ଆକଟ ନଥିଲେ ମୁଁ ବାଲୁଙ୍ଗା ହୋଇ ଘାସ କାଟୁଥାନ୍ତି। ପାଠ ଦିଅକ୍ଷର ପଢିଥିଲି ବୋଲି ଆଜି ବଡମଣିଷ ହୋଇଛି। ସବୁ ସେହି ସାର୍‌ଙ୍କ ପାଇଁ। ନହେଲେ ବ୍ୟାଙ୍କ ମ୍ୟାନେଜର ଚଉକି କିଏ ନା ମୁଁ କିଏ। ଭଗବାନ୍ ସାର୍‌ଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ।

ଦାମସାର୍‌ଙ୍କର ଏକାଦଶାହ ଦିନ ଆୟୋଜିତ ଶୋକସଭାରେ ତାଙ୍କର ଅନ୍ୟଏକ କୃତିଛାତ୍ର ବ୍ୟାଙ୍କର୍ ଦେବବାବୁଏପରି କହି ମନ୍ତ୍ରୀ କୃଷ୍ଣ ପାତ୍ରଙ୍କୁ ମାଇକ୍ ବଢେଇଲେ।- ନ୍ତ ମୁଁ କୃଷ୍ଣ ପାତ୍ର, ସମସ୍ତଙ୍କର ପ୍ରିୟପାତ୍ର ହେବା ପଛରେ ଥିଲା ଦାମସାର୍‌ଙ୍କର ସଂସ୍କାର। ସିଏ ମୋ ବାଲ୍ୟ ଜୀବନକୁ ଗଢିନଥିଲେ ମୋ ପକ୍ଷରେ ଏତେ ବଡନେତା ହୋଇ ମନ୍ତ୍ରୀପଦ ପାଇବା ଆଦୌ ସହଜହୋଇ ନଥାନ୍ତା। ସାର୍ ମୋତେ କେତେବେଳେ କିଛି ମାଗିନାହାନ୍ତି, ହେଲେ ଶେଷ ସମୟରେ ଫୋନ୍ କଲେ ଯେ ମୁଁ ମିଟିଂରେ ବ୍ୟସ୍ତଥିବା ହେତୁ କଥା ହୋଇ ପାରିଲିନି। ପରେ ବୁଝିଲା ବେଳକୁଫୁସ୍ଫୁସ୍ ୩୦ଭାଗ ନଷ୍ଟ ହୋଇ ସାରିଥିଲା। ଯେତେ ଯାହା କଲେ ବି ବଂଚିନଥାନ୍ତେ, ତଥାପି ସାର୍‌ଙ୍କର ଋଣ ପରିଶୋଧ କରିବାର ଏକ ସୁଯୋଗ ମୁଁ ହାତଛଡା କରିଥିବାରୁ ବହୁତ ଦୁଃଖିତ। ସାର୍‌ଙ୍କର ବଡଝିଅ ପାଇଁ ମୁଁ ମୋ'ପିଏକୁ କହିଛି ଏକ ଚାକିରି ଦେଖିବାକୁ ପଡିବ। ଶୁଦ୍ଧିକାମ ସରିଲେ ମୋତେ ଯାଇ ରାଜଧାନୀ କ୍ୱାଟରରେ ଦେଖାକଲେ ତା'କାମ ହୋଇଯିବ। ପୁଅ ବଡହେଲା ବେଳକୁ ଆମ ଦଳ ଶାସନକ୍ଷମତାରେ ଥିଲେ ମୁଁ ନିଶ୍ଚିତ ସାହାଯ୍ୟ କରିବି। ସବୁ ସେହି ପ୍ରଭୁଙ୍କର ଇଚ୍ଛା। ସାର୍‌ଙ୍କର ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।ନ୍ତ-ଦାମସାର୍‌ଙ୍କର ଶୋକସଭାରେ ତାଙ୍କର ପ୍ରିୟଛାତ୍ର ଏବଂ ରାଜ୍ୟମନ୍ତ୍ରୀ କୃଷ୍ଣ ଏପରି କହି ସଭାରୁ ବିଦାୟ ନେବାକୁ ସମସ୍ତଙ୍କୁ ହାତଯୋଡି କ୍ଷମାଭିକ୍ଷା କଲେ। ଗାଡିରେ ବସୁ ଦାମସାର୍‌ଙ୍କର ବିଧବା ପତ୍ନୀ ଓ ବଡଝିଅ ମନ୍ତ୍ରୀଙ୍କୁ ବାଟୋଇଦେବାକୁ ଆସିବା ବାଟରେ ମନ୍ତ୍ରୀ ମହୋଦୟ ଝିଅର ଗାଲଚିପି ଦେଇ କାମସରିଲେ ରାଜଧାନୀରେ ଦେଖା କରିବାକୁ କହିଲେ ଏବଂ ବିଧବା ପତ୍ନୀଙ୍କ ହାତମୁଠାରେ ପାଂଚଶଟଙ୍କାର ନୋଟ୍ ବିଡାଟିଏ ଗୁଞ୍ଜି ନମସ୍କାର ହୋଇ କହିଲେ, ନ୍ତଆପଣଙ୍କର ଯେତେବେଳେ ଯାହା ଦରକାର ମୋ କ୍ୱାର୍ଟରକୁ ଆସି କହିବେ। ମୁଁ ଆସୁଛି।

କୃଷ୍ଣବାବୁ ନେତା ଲୋକ, ଏଠି ଗୋଟେ କଥା ତ ରାଜଧାନୀ ଗଲେ ଆଉଗୋଟେ କଥା। ଆମ ଝିଅ ସୁନ୍ଦର ଅଛି। ମୁଁ ପ୍ରଯୋଜକ ସାଙ୍ଗରେ କଥା ହୋଇ ସାରିଛି। ତାକୁ ହିରୋଇନ୍ କରିବି। ଆମ ଗାଁର ନାଁ ହେବ। କାମ ସରୁ, ସିଏ ମୋ ଘରେ ପହଁଚିଲା ପରେ ତାର ଅଡିସନ୍ ନେବାକୁ ସବୁ ବନ୍ଦୋବସ୍ତ କରି ଆସନ୍ତାକୁ ଯେମିତି ହେଲେ ଗୋଟେ ନୂଆ ସିନେମା ବାହାର କରିବା। ପରିବାରର କୌଣସି ଅସୁବିଧା ହେବନାହିଁ। ମୁଁ ଜଣେ ଏତେ ବଡ ଠିକାଦାର, ଏଇ ସାମାନ୍ୟ ପରିବାରର ଖର୍ଚ୍ଚ କେତେ? ମାଉସୀ ! ମୋତେ ଚିନ୍ତା କରନ୍ତୁନି। କାନ୍ଦ ବନ୍ଦ କରନ୍ତୁ, ଧୈର୍ଯ୍ୟ ଧରନ୍ତୁ। ସମୟ ସବୁ ସମାଧାନ କରିଦେବ। ସାର୍ ଆମପାଇଁ, ଏଇ ଗାଁପାଇଁ ଅନେକ କିଛି କରିଛନ୍ତି, ହେଲେ ଅବସୋସ ଏତିକି ରହିଲା ଯେ ସାର୍‌ଙ୍କ ଶେଷସମୟରେ ଟଙ୍କାପାଇଁ ଚିକିତ୍ସାରେ ଟିକିଏ ଅବହେଳା ରହିଗଲା। ମୁଁ ହଠାତ୍ ଧରି ପାରିଲିନି, ନହେଲେ ଲକ୍ଷଟଙ୍କା ମୋ ପାଇଁ କିଛି ନୁହେଁ। ଗଲା କଥା ଗଲାଣି, ଏବେ ଆଉ ଭାବି କି ଲାଭ! ଅମରଆତ୍ମାର ସଦ୍‌ଗତି ହେଉ, ଏତିକି କେବଳ ଆମର ପ୍ରାର୍ଥନା।ନ୍ତ-ତାଙ୍କର ପ୍ରିୟଛାତ୍ର ବଡ ଠିକାଦାର ଟୁନାବାବୁଏପରି କହି ଗୋଟିଏ ମୋଟା ଟଙ୍କାଭର୍ତ୍ତି ଲିଫାପା ନେଇ ଦାମସାର୍‌ଙ୍କ ପତ୍ନୀଅଂଚିରେ ରଖି ଶୋକସଭାରୁ ବିଦାୟନେବାକୁ ହାତ ଯୋଡିଲେ। ଏମତି ଶୋକସଭାଟି ପ୍ରାୟ ରାତିଦୁଇଟା କି ପାହାନ୍ତା ପହରଯାଏ ଚାଲିଲା। ବହୁତ ନେତା ବହୁତ ବୁଦ୍ଧିଜୀବୀ ଦାମସାର୍‌ଙ୍କର ଗୁଣ ବଖାଣି ପ୍ରଶଂସାରେ ପୋତି ପକେଇଲେ। କେହିକେହି ଦାମସାର୍‌ଙ୍କର ବିଧବା ପତ୍ନୀ ଫୁଲକୁ ବି ତାଙ୍କ ସେବାକର୍ମପାଇଁ ସାଧୁବାଦ ଦେଇ ଅନେକ ମନଗଢା କାହାଣୀ ଶୁଣେଇଲେ। ସଭାସାଙ୍ଗ ହେଲାବେଳକୁ ଫୁଲଙ୍କର ଅଂଚି ଲିଫାପାରେ ଭରି ଯାଇଥିଲା। ପୁଅ ସିଦ୍ଧାର୍ଥ ଗୋଟିଏ ଜରି ମୁଣିରେ ସବୁଗୁଡିକ ଭରି ଶୋଇବାଘରକୁ ନେଇ ସିନ୍ଧୁକରେ ରଖି ବନ୍ଦ କରିଦେଲା। ଭୋଜିଭାତ ସରିଲାପରେ ମାଆ, ଝିଅ ଓ ପୁଅ ଏକାଠି ଖଟ ଉପରେ ବସି ଗୋଟିଗୋଟି କରି ଗଣିଲେ। ସମୁଦାୟ ଚାରିଲକ୍ଷ ବାସ୍ତରୀ ହଜାରଟଙ୍କା ହେଲା। ଫୁଲଙ୍କ ଆଖିରେ ଲୁହ ଦେଖି ଝିଅ ପଚାରିଲେ, ନ୍ତକାନ୍ଦୁଛୁ କାହିଁକି ମା? ବାପା ଆଉ କଣ ଫେରିବେ? ଯାହାହେଉ ଛାତ୍ରମାନଙ୍କୁ ମଣିଷ କରିଥିଲେ ବୋଲି ଏତେ ଟଙ୍କା ମିଳିଲା, ଏବେ ଆମେ ସୁଧରେ ଚଳିଯିବା।ନ୍ତ ଝିଅ କଥାର ଉତ୍ତରରେ ଫୁଲ କହିଲେ, ନ୍ତତୋ ବାପା ବଂଚିଥିବା ସମୟରେ ଯଦି ଏହାର ଏକଚୌଥା ଟଙ୍କା ଆମପାଖରେ ଥାଆନ୍ତା, ତେବେ ସେ ଡାକ୍ତରଖାନାରେ ବାପା ଭଲହୋଇ ଘରକୁ ଫେରି ଥାଆନ୍ତେ। ସେମାନେ ଲକ୍ଷଟଙ୍କା ନେଲେ ଆଡମିଶନ୍ କରି ବେଡ୍ ଦେବାକୁ କହିଲେ ଯେ ଆମେ ଯେତେ ଯାହାକୁ ଫୋନ୍ କଲୁ କେହି ଶୁଣିଲେନି। ଶେଷରେ ହତାଶରେ ଗାଁକୁ ଫେରିବାକୁ ବାଧ ହେଲୁ। ଟଙ୍କା କେଇଟା ନଥିବା ହେତୁ ଅମ୍ଳଜାନ ଅଭାବରୁ ଛାତିରେ ଯନ୍ତ୍ରଣା ପାଇ ବାପା ଆରପାରିକୁ ଚାଲିଗଲେ। ଆମ ନେହୁରାକଥାକୁ କେହି କାନ ଡେରିଲେନି। ଆଜି ଶୋକସଭାରେ ଏତେ ଭାଷଣ ଦେଉଛନ୍ତି ଯେ ଲାଗୁଛି ସାର୍‌ଙ୍କ ପାଇଁ ସେମାନେ ଯେମିତି ଜୀବନ ଦେଇଥାନ୍ତେ, ହେଲେ କେହି ଦଶହଜାର ଟଙ୍କା ବି ସାହାଯ୍ୟ କଲେନି। ଛାଡ୍ ! ଆମ ଭାଗ୍ୟରେ ଯାହା ଅଛି ଆମେ ଭୋଗିବା।

ଦାମସାର୍ ବଳରାମପୁର ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ। ଦୁଇବର୍ଷ ତଳେ ଅବସର ନେଇଥିଲେ। ବିଦ୍ୟାଳୟରେ ବାର ଘଂଟା ଏବଂ ଘରେ ଚାରିଘଂଟା ଛାଡିଦେଲେ ବାକି ଆଠଘଂଟାରେ ନିତ୍ୟକର୍ମ ଏବଂ ଶୋଇବା କାମ ପାଇଁ ଦେଉଥିଲେ। ଗାଁ ପିଲାମାନେ କେମିତି ମଣିଷ ହେବେ ସେଇ ଗୋଟିଏ ଲକ୍ଷନେଇ ସେ ବାଟ ଚାଲୁଥିଲେ। ନିଜସଂସାରକୁ ଭଲରେ ଦେଖିବାକୁ ସମୟ ନଥିଲା। ବଡଝିଅର ବୟସ ତିରିଶ, ବାହାଘର ଜୁଟୁନି। ସାନପୁଅ ବିଏପାସ୍ କରି ବେକାର ବୁଲୁଛି। ଏ'ବୟସରେ ଦାମସାର୍ ଟ୍ୟୁସନ୍‌ପଢେଇ ନିଜର ତେଲଲୁଣ ସଂସାରକୁ ପେନସନ୍ ପଇସାରେ ଠେଲି ଚାଲିଥିଲେ ଯେ ମାସେତଳେ କରୋନା ହୋଇଗଲା। ଘରେ ଚାରିଦିନ ରହିବାପରେ ସହରର ଏକ ଘରୋଇ ଡାକ୍ତରଖାନାକୁ ଆସିବାବାଟରେ ସ୍ତ୍ରୀ ପଛକଥା ଦୋହରାଇ ଦାମସାର୍‌ଙ୍କୁ ଏଣୁତେଣୁ ବହୁତ କହିବାକୁ ଲାଗିଲେ। କିଛିସମୟ ଚୁପ୍ ରହି ଦାମ୍‌ସାର୍ କହିଲେ, ନ୍ତତୁମେ ଜାଣ ଫୁଲ! ମୋ ଛାତ୍ରମାନଙ୍କ ବିଷୟରେ କିଛି ଜାଣ? ଏବେ ଦେଖ ଗାଁରେ କେହିଯଦି ସେମାନଙ୍କୁ ଜଣାଏ ତେବେ ଡାକ୍ତରଖାନା ବାହାରେ ମନ୍ତ୍ରୀଙ୍କର ଗାଡି ଲାଗିବ। ନବ ତ ନିଜେ ସେଠି ଡାକ୍ତର, ଆମ ଅନାଟନ କଥା କୋଉ ଅଛପା ତା'କୁ। ସିଏ ସବୁ ବୁଝାସୁଝା କରିବ। ଟୁନାର ଉଭା ଯେତେ ପୋତା ସେତେ। ଦଶଦଶଟା ସଫାରି ଗାଡି, ମୋ'ପାଇଁ ଟଙ୍କା କେଇଟା କ'ଣ ସିଏ ଦେଇ ପାରିବନି? କେହି ନଦେଲେ ଆମ ଦେବ ପରା ଅଛି। ତା'ହାତରୁ ନଦେଲେ ବ୍ୟାଙ୍କମ୍ୟାନେଜର ଅଛି ଯେତେବେଳେ ଆମକୁ ଋଣଟିଏ କରେଇଦେବନି, ତୁମେ ଜମାବ୍ୟସ୍ତ ହୁଅନି। ମୋ'ଛାତ୍ରମାନେ ବହୁତ ଉଚ୍ଚ ପଦପଦବୀରେ ଅଛନ୍ତି, ସେମାନେ ସବୁ ସାହାଯ୍ୟ କରି ମୋତେ ଭଲ କରିଦେବେ।

ଫୁଲ ଘରୁ ମାତ୍ର ଦଶହଜାର ଟଙ୍କା ନେଇ ଯାଇଥିଲେ। ଏକଥା ଶୁଣି ଦମ୍ଭ ଆସିଲା। ଗାଁରୁ ନେଇଥିବା ଅଟୋକୁ ଭଡାଦେଇ ବିଦାକରିବା ପରେ ସେହି ଡାକ୍ତରଖାନା ବାହାର ବଗିଚା ବରଗଛ ପିଣ୍ଡିରେ ବସି ମୋବାଇଲ୍‌ରୁ ଦାମସାର୍‌ଙ୍କ କୃତିଛାତ୍ରମାନଙ୍କ ନମ୍ବର ବାହାର କରି ଗୋଟିଗୋଟିକରି ଫୋନ୍ ଲଗେଇଲେ। ପ୍ରଥମେ ମନ୍ତ୍ରୀ କୃଷ୍ଣପାତ୍ର। ତାଙ୍କ ପିଏ ଧରି କହିଲେ ଯେ ମନ୍ତ୍ରୀ ମିଟିଂରେ ବ୍ୟସ୍ତ କହି କାଟିଦେଲେ। ତାପରେ ଲଗେଇଲା ପରେ ଉଚ୍ଚାଗଳାରେ କହିଲେ, 'ଥରେ କହିଲି ଶୁଭିଲାନି। ମନ୍ତ୍ରୀ ବ୍ୟସ୍ତ ଅଛନ୍ତି। ସନ୍ଧ୍ୟାପରେ ରିଂ କରନ୍ତୁ।' ଏବେ ତ ଏଗାରଟା ବାଜିଛି, ସନ୍ଧ୍ୟାଯାଏଁ କ'ଣ ରହି ହେବ? ତା'ପରେ ଠିକାଦାର କାମ କରୁଥିବା ଧନୀଛାତ୍ର ଟୁନାକୁ ଲଗେଇଲେ। ଟୁନା କହିଲା,'ମୋର ଦାମସାର୍‌ଙ୍କୁ ମନେପଡୁନି। ସିଏ କୋଉ କଲେଜରେ ଥିଲେ କହିଲ?' ଫୁଲ ଅନ୍ତରାତ୍ମାକୁ ବାଧିଲା। ମୋବାଇଲ୍ କାଟିଦେଇ କହିଲେ, 'ଭଲ ଛାତ୍ର। ସାର୍‌ଙ୍କୁ ଚିହ୍ନି ପାରୁନାହାନ୍ତି। ଏଣେ ସାର୍ କହୁଛନ୍ତି ମୋ'କଥା ସବୁ ବୁଝିଦେବେ।' ତାପରେ ଲଗେଇଲେ ବ୍ୟାଙ୍କ ମ୍ୟାନେଜର ଦେବବାବୁଙ୍କୁ। ଦେବ ଚିହ୍ନିଲା ସତ, କିନ୍ତୁ କିଛି ସାହାଯ୍ୟ କରିବାକୁ ଏବେ ସମର୍ଥ ନୁହେଁ ବୋଲି କହି ସଫାସଫା ମନା କରିଦେଲା। ଫୁଲ କିଛି ଜମି ବାବଦରେ କିଛି ପଇସା ଦିଅ, ନହେଲେ କିଛି ଋଣ ବନ୍ଦୋବସ୍ତ କର ବୋଲି କହିବାରୁ ଦେବ କହିଲା, ନ୍ତଏ କରୋନାରୁ ବଂଚିବା କଷ୍ଟ। ସାର୍‌ଙ୍କର ଏବେ ଯଦି କିଛି ହୋଇଗଲା ଆପଣ ଋଣଟଙ୍କା ବ୍ୟାଙ୍କକୁ କେମିତି ସୁଝିବେ? ମୋ ଉପରେ ଆକ୍ସନ୍ ହେବ, ମୁଁ ସେ କଥା କରିପାରିବିନି। ଏଥିରେ ବହୁତ ରିସ୍କ ଅଛି। ଅନ୍ୟ କାହାକୁ ମାଗ।ନ୍ତ ଏସବୁ କଥା ଦାମସାର୍ ଶୁଣୁଥିବାରୁ ନିଶ୍ୱାସପ୍ରଶ୍ୱାସର ବେଗ ବଢିବାକୁ ଲାଗିଲା। ସେମାନଙ୍କର ଶେଷଆଶା ସେହି ଡାକ୍ତରଖାନାରେ ଡାକ୍ତରକାମ କରୁଥିବା ତାଙ୍କର ସବୁଠାରୁ ପ୍ରିୟଛାତ୍ର ନବ ଉପରେ। ଫୁଲ ଡାକ୍ତରଖାନା ସାମ୍ନାରେ ବସିଥିବା ଝିଅସହ ରୋଗୀ ଦାଖଲା କରିବାକୁ କଥା ହେବାରୁ ସିଏ କହିଲେ ଯେ ପ୍ରଥମେ ଲକ୍ଷଟଙ୍କା କାଉଁଟରରେ ଜମା କରି ରସିଦ ଆଣ, ତାପରେ ଆମେ ବେଡ୍ ଆଲଟକରି ଭିତରକୁ ନେଇଯିବୁ। ଦଶହଜାର ଟଙ୍କାରୁ ଅଟୋଭଡା ଦୁଇଶହ ଗଲାପରେ ପାଖରେ ସର୍ବମୋଟ ଅଛି ନଅ ହଜାର ଆଠଶହ। ଲକ୍ଷଟଙ୍କା ଜାଗାରେ ଏତିକିରେ କିଏ ମାନିବ?

ଦାମସାର୍ ବହୁତ ଭରସାରେ ଫୁଲକୁ କହିଲେ ଆମପୁଅ ନବକୁ ଡାକ। ସେ ଝିଅକୁ କୁହ ତୁମ ଡାକ୍ତର ନବବାବୁଙ୍କର ମୁଁ ସାର୍, ସିଏ ସବୁ ବୁଝିବ। ପଇସା ପରେ ଦେବା। ଫୁଲ ଫେରିଆସି ସେ ରିସେପସନ୍ ଝିଅକୁ ନବବାବୁଙ୍କର ପରିଚୟ ଦେଲେ। ଝିଅଟି ନବବାବୁଙ୍କୁ ସେଠିକି ଡାକିଲା। ନବବାବୁ ଧଳା ଆପ୍ରୋନ୍‌ରେ ସୁନ୍ଦର ଦେଖା ଯାଉଥିଲେ। ଶିଡିରୁ ତଳକୁ ଓହ୍ଲାଇଲା ବେଳକୁ ଦାମସାର୍ ନବଙ୍କୁ ଡାକ୍ତରୀ ପୋଷାକରେ ଦେଖି ବହୁତ ଖୁସି ହୋଇଗଲେ। ପାଖକୁ ନବ ଆସି ନମସ୍କାର ହେଲେ। ସବୁ ଶୁଣିଲା ପରେ କହିଲେ, 'ମାଉସୀ! ଏଇଟା ଗୋଟେ ବଡ ହସ୍ପିଟାଲ୍। ମୋ ପରି ଶହେ ଉପରେ ଡାକ୍ତର ଏଠି କାମ କରୁଛନ୍ତି। ତେଣୁ ଏଠି ଯାହା ନିୟମ ତାହା ହିଁ କରିବାକୁ ହେବ। କାଉଁଟରରେ ଲକ୍ଷଟଙ୍କା ଡିପୋଜିଟ୍ କଲାପରେ ଯାଇଁ ଭିତରକୁ ପ୍ରବେଶ ଏବଂ ଚିକିତ୍ସା ଅନୁମତି ମିଳିବ। ମୁଁ ଏବେ ଚାଳିଶ ଲକ୍ଷରେ ଗୋଟେ ଜାଗା କିଣି ଦେଲି ଯେ ବାରତେର ଲକ୍ଷ ହାତଉଧାରି କରିଛି। ପାଖରେ କଣା ପାହୁଲାଟେ ବି ନାହିଁ। ସାର୍ କୋଭିଡ୍ ରୋଗୀ ନହୋଇଥିଲେ ମୁଁ ଅବା ଯାହା ସାହାଯ୍ୟ କରି ପାରିଥାନ୍ତି, କୋଭିଡ୍ ବିଭାଗକୁ ମୋତେ ଯିବାକୁ ଅନୁମତି ନାହିଁ। ତେଣୁ ଆପଣ ଦେଖନ୍ତୁ, କେମିତି କୋଉଠୁ ଯୋଗାଡ କରି ଆଡମିଶନ୍ ହୋଇଗଲେ ମୁଁ ମୋର ଚିହ୍ନାପରିଚ କିଛି ସୁଇପର୍ ଓ ନର୍ସଙ୍କୁ ସେଠି ସାର୍‌ଙ୍କର ଦେଖାଶୁଣା କରିବାକୁ କହିବି। ଏବେ ମୁଁ ଆସୁଛି, ମୋର ରାଉଣ୍ଡ୍ ସମୟ ହେଲାଣି। ନମସ୍କାର ସାର୍, ନମସ୍କାର୍ ମାଉସୀ।' ଏମିତି କହି ଡାକ୍ତର ନବବାବୁବଡବଡ ପାହୁଣ୍ଡ ପକେଇ ଚାଲିଗଲେ ଭିତରକୁ। ଦାମସାର୍ ଅପଲକ ନୟନରେ ତା'ର ଯିବାବାଟକୁ ଚାହିଁ ତା'ପିଲାଦିନର ସ୍ମୃତିଗୁଡାକୁ ଖେଳଉଖେଳଉ କହିଲେ, 'ଫୁଲ! ଚିନ୍ତା କରନା। ଯାହା ଭାଗ୍ୟରେ ଥିବ ହେବ। ଆଜି ନହେଲେ କାଲି ତ ଯିବା, ସେଥିରେ ଏତେ ଚିନ୍ତା କ'ଣ ପାଇଁ? ଅଧା ପେନସନ୍ ତୁମ ତିନିଜଣଙ୍କୁ ଢେର୍ ହେବ। ସେହି ଅଟୋକୁ ଫୋନ୍‌କରି ଗାଁକୁ ନେଇଯିବାକୁ ଡାକିଦେ। ଏଠୁ ପଳେଇବା। ଭିଟାମାଟିରେ ମରଣ ହେଲେ ଭଲ। ସହରଜାଗାରେ କରୋନା ରୋଗୀ ବୋଲି କହି ମେହେନ୍ତର ଲୋକ କାହିଁକି ପୋଡିବେ, ସେଠିକି ଚାଲିଗଲେ ମୋ ପୁଅ ମୁଖାଗ୍ନି ଦେବ। ଶେଷରେ ସେଇଆ ହେଲା। ଗାଁକୁ ଫେରିବାର ଚାରିଦିନରେ ଦାମସାର୍‌ଙ୍କର ପ୍ରାଣବାୟୁ ଉଡିଗଲା। କେହି ବୋଲେ କେହି ଟିକେ ଦେଖିବାକୁ ବି ଆସିଲେନି, ଦବାନବା କଥା ଦୂରେ ଥାଉ। କିନ୍ତୁ ମରିବାର ଏଗାରଦିନ ସକାଳୁ ମନ୍ତ୍ରୀଙ୍କର ପ୍ରତିନିଧି ଛଅଫୁଟରେ ଦଶଫୁଟ ଉଚ୍ଚା ବନ୍ଧେଇ ଫଟୋଟିଏ ପଠାଇ କୋଠଘର ଛାତଉପରେ ସାମିଆନା ବାନ୍ଧି ଏକ ବିରାଟ ଶୋକସଭାର ଆୟୋଜନ କରି ଆଡମ୍ବର ପୂର୍ଣ୍ଣ ଭୋଜିଭାତରେ ବନ୍ଦୋବସ୍ତ କଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଜୋରଦାର୍ ଭାଷଣବାଜି ସହ ଲକ୍ଷଲକ୍ଷଟଙ୍କା ଆମଦାନୀ ବି ହେଲା। ଏବେ ସରକାରୀ ଅନୁଦାନରେ ତାଙ୍କର ଶଙ୍ଖ ମଲ୍ଲମଲ୍ଲ ପଥରର ମୂର୍ତ୍ତିଟିଏ ବିଦ୍ୟାଳୟ ଅଫିଶଗୃହ ସମ୍ମୁଖରେ ବସିଲା। କିନ୍ତୁ ଦାମସାର୍ ବଂଚିଥିବା ବେଳେ ଅକ୍ସିଜେନ୍ ସିଲିଣ୍ଡରଟିଏ ଯଦି କିଏ ଯୋଗାଡକରି ତାଙ୍କର ସେବାସୁଶ୍ରୁଷା ଅଳ୍ପବହୁତେ କରିଥାଆନ୍ତେ ତେବେ ସେ ଆଜି ଆମ ଗହଣରେ ବସିଥାନ୍ତେ। ସେହି ଏକାଦଶାହ ଦିନ ଖଣ୍ଡମଣ୍ଡଳର ଲୋକେ ଭୋଜିଖାଇ ଫେରିଲା ବେଳେ କୁହାକୁହି ହେଉଥାନ୍ତି କର୍ମବଳିଆ ଲୋକଟା। ନହେଲେ ଏଗାରଦିନ ଏମିତି ବଡଭୋଜି କିଏ ଏଠି ଦେଇଥିଲା! ସବୁଠାରୁ ବଡକଥା ହେଲା ସାର୍‌ଙ୍କପାଇଁ ଆୟୋଜିତ ମଫସଲ ଅଂଚଳର ଏହାଥିଲା ଅଭୁତପୂର୍ବ ପ୍ରଥମ ଶୋକସଭା।

ବି.ଟେକ୍. ସିଭିଲ୍,
ଏମ୍.ଟେକ୍.(ପରିବେଶ), ଏଲ୍‌ଏଲ୍‌ବି
ଏଲ୍-୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି,
ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦/
୭୯୭୮୦୧୯୦୮୧,
bdpanda1@gmail.com

# ରାଜନୈତିକ ଦଳ ବନାମ ଗଣତନ୍ତ୍ର



ଗୋପାଳ ଚନ୍ଦ୍ର ନାଥ

ଭାରତବର୍ଷ ଏକ ସାର୍ବଭୌମ୍ୟ ଗଣତନ୍ତ୍ର ରାଷ୍ଟ୍ର । ଗଣତନ୍ତ୍ର ଦେଶକୁ ଶାସନ ଦେଉଛି, ଯାହାକି ଲୋକମାନଙ୍କ ଦ୍ୱାରା, ଲୋକମାନଙ୍କ ଦେଇ ଓ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାର ହିଁ ଗଣତନ୍ତ୍ର ବୋଲି କୁହାଯାଉଛି । ଦେଶର ଗଣତନ୍ତ୍ର ସୁଦୃଢ ହୁଏ, ଯେତେବେଳେ ଲୋକମାନଙ୍କ ପାଖରେ ଲୋକମାନଙ୍କର ମନ ପସନ୍ଦର ଶାସନ ମିଳେ । ମହାତ୍ମା ଗାନ୍ଧୀ ଦେଶ ସ୍ୱାଧିନ ପରେ ଦେଶର ଶାସନ କିଭଳି ହେବା ଆବଶ୍ୟକ ବୋଲି କହିବାକୁ ଯାଇ ନ୍ତଗଣତନ୍ତ୍ର ଶାସନର ସୁଫଳ ଜନ ସାଧାରଣଙ୍କୁ ମିଳିଛି ଦମ୍ଭର ସହ କହିବା ଯେତେବେଳେ ପ୍ରତ୍ୟେକ ଜନତା ସ୍ୱାଧିନ ଭାବରେ ନିଜର ମନର ଭାବନାକୁ ଅନ୍ୟ ଆଗରେ ନିର୍ବିଘ୍ନରେ ପ୍ରକାଶ କରି ପାରିବ ଓ ରାତି ବାରଟାରେ ଜଣେ ତରୁଣୀ ରାସ୍ତାରେ ଯାଆସ କରିପାରିବ ।ନ୍ତ ଦେଶ ସ୍ୱାଧିନର ୭୫ ବର୍ଷ ହେଲା, ହେଲେ ଆମେ କେତେ ସ୍ୱାଧିନ ଓ ଗଣତନ୍ତ୍ରକୁ କିଭଳି ଉପଭୋଗ କରୁଛନ୍ତି, ତା' କେବଳ ଭୁକ୍ତଭୋଗୀ ହିଁ କହିପାରିବ । ଆଜି ଆମେ ସ୍ୱାଧିନ ଓ ଗଣତନ୍ତ୍ର ରାଷ୍ଟ୍ରର ନାଗରିକ, ଆମେ କେତେ ମାତ୍ରାରେ ସ୍ୱାଧିନ କହିବା ପୂର୍ବରୁ ଯେଉଁମାନେ ଗଣତନ୍ତ୍ରକୁ ଆଧାର କରି ନିର୍ବାଚନ ଜିତି ଆମକୁ ଶାସନ କରୁଛନ୍ତି, ସେମାନେ କେତେ ସ୍ୱାଧିନ ଓ ଗଣତନ୍ତ୍ରକୁ ବିଶ୍ୱାସ କରୁଛନ୍ତି, ସେ ବିଷୟରେ ହିଁ ଆଲୋଚନା କରିବାର ସମୟ ଆସିଛି ।

ଗଣତାନ୍ତ୍ରିକ ସରକାରରେ ପ୍ରତ୍ୟେକ ନାଗରିକର ମତ ଦେବାର ଯେଭଳି ଅଧିକାର ରହିଛି, ଠିକ୍ ସେହିଭଳି ସମ୍ବିଧାନକୁ ମାନି ଚଳିବାର କର୍ତ୍ତବ୍ୟ ମଧ୍ୟ ରହିଛି । ଆଜି ଦେଖାଯାଉଛି ଭାରତବର୍ଷରେ ଶାସନ କ୍ଷମତାକୁ ଉପଭୋଗ କରିବା ପାଇଁ ଦେଶରେ ବିଭିନ୍ନ ରାଜନୈତିକ ଦଳମାନେ ମୁଣ୍ଡ ଟେକିଛନ୍ତି। ଭାରତ ସ୍ୱାଧିନ ସମୟରେ ଦେଶରେ ହାତ ଗଣତି ନେତା ଓ ଦଳ ଥିଲା, ବିଶେଷକରି ଭାରତୀୟ ଜାତୀୟ କଂଗ୍ରେସ ଏକମାତ୍ର ଜାତୀୟ ଦଳ ରୂପେ ନିର୍ବାଚନରେ ଭାଗ ନେଉଥିଲା । ତାପରେ କ୍ରମେ ଦିନକୁ ଦିନ ଦେଶରେ ଗଣତାନ୍ତ୍ରିକ ପଦ୍ଧତିକୁ ଆଧାର କରି ଗୋଟିଏ ପରେ ଗୋଟିଏ ନୂତନ ଦଳ ମୁଣ୍ଡ ଟେକିଲା । ବର୍ତ୍ତମାନ ଦେଶରେ ଅସଂଖ୍ୟ ରାଜନୈତିକ ଦଳ ଏପରିକି ଆଂଚଳିକ ସ୍ତରରେ ରାଜ୍ୟ ରାଜ୍ୟରେ ବହୁ ରାଜନୈତିକ ଦଳ ସୃଷ୍ଟି ହୋଇଛି । ଦେଶର ଜାତୀୟତାକୁ ବଜାୟ ରଖି ଜାତୀୟ ଦଳ ନିଜ ନିଜ ଲକ୍ଷ ନେଇ ଗଢି ଉଠିଥିବା ବେଳେ ରାଜ୍ୟ ତଥା ଆଂଚଳିକ ମନୋଭାବରଖି ଭାଷା, ସଂସ୍କୃତି ଓ ବ୍ୟକ୍ତି କନ୍ଦ୍ରିକ କିଛି ଦଳ ବାହାରିବା ଫଳରେ ରାଜ୍ୟ ସ୍ତରରେ ଜାତୀୟତା ଭାବକୁ ପଛରେ ପକାଇ ଅଂଚଳ କଥାକୁ ଗୁରୁତ୍ୱ ଦେଉଥିବା ଦେଖାଯାଉଛି । ଫଳରେ ଏକ ଦେଶ ଏକ ଯୋଜନାର କାର୍ଯ୍ୟକାରିତା ନେଇ ଫରକ ଆସୁଥିବା ଦେଖାଯାଉଛି । ସମସ୍ତ ଦଳମାନେ ଗଣତନ୍ତ୍ରକୁ ବିଶ୍ୱାସ କରି ଦଳ ଭିତରେ ଜାତୀୟତା ଭାବ ବଜାୟ ରଖିବା ସମ୍ଭବପର ହେଉ ନ ଥିବା ଜଣାଯାଉଛି । ଦେଶର ସମସ୍ତ ରାଜନୈତିକ ଦଳମାନେ ସଭ୍ୟ ସଂଗ୍ରହକୁ ଗୁରୁତ୍ୱ ନ ଦେଇ ମନ ଇଚ୍ଛା ସଭ୍ୟସଂଖ୍ୟା ନିର୍ବାଚନ ଆୟୋଗକୁ ଦେଉଥିବାର ଶୁଣାଯାଏ । ଫଳରେ ଦେଶର ଜନ ସଂଖ୍ୟା ତୁଳନାରେ ସମସ୍ତ ଦଳର ସଭ୍ୟମାନଙ୍କୁ ମିଶାଇଲେ ଯଥେଷ୍ଟ ଅଧିକ ହୋଇଯାଉଛି । ଦେଶର ସାବାଳକ ସଂଖ୍ୟା ମଧ୍ୟରେ ସମସ୍ତ ଦଳର ସଭ୍ୟସଂଖ୍ୟା ସିମିତ ହୋଇ ରହିବା ଆବଶ୍ୟକ ଥିବା ବେଳେ ତା ହୋଇ ପାରୁ ନାହିଁ। ଦେଶର ସମସ୍ତ ରାଜନୈତିକ ଦଳଗୁଡିକ ମଧ୍ୟ ଗଣତାନ୍ତ୍ରିକ ପଦ୍ଧତିକୁ ଆପଣାଉ ନଥିବା ଦେଖାଯାଉଛି । ଦଳଗୁଡିକ ମଧ୍ୟରେ ଠିକ୍ ଭାବରେ ନିର୍ବାଚନ ହେଉ ନ ଥିବା ବେଳେ ତୃଣମୂଳରୁ କମିଟିଗୁଡିକର ଗଠନ ପ୍ରକ୍ରିୟା କରିବାକୁ ଥିବା ବେଳେ ଦଳଗୁଡିକ ଉପରୁ ତଳକୁ ନିର୍ବାଚିତ କରୁଥିବା ଜଣାଯାଉଛି । ସ୍ୱାଧିନ ପରେ ଭାରତୀୟ ଜାତୀୟ କଂଗ୍ରେସ ଉପରେ ଏଭଳି ଦୋଷାରୋପ କରାଯାଉଥିଲା, ସେ ଦଳ ସର୍ବୋଚ୍ଚ କର୍ତ୍ତା ବା ହାଇ କମାଣ୍ଡର କଥାକୁ ଗୁରୁତ୍ୱ ଦେଉଥିବା ଓ ଦଳ ଭିତରେ ଗଣତନ୍ତ୍ର ରଖୁ ନ ଥିବା କଥା ବହୁଳ ଭାବରେ କୁହାଯାଉଥିଲା। କିନ୍ତୁ ଏବେ ସମସ୍ତ ଦଳରେ ସେହି ପ୍ରଥା ଖୁନ୍ଦି ହୋଇ ରହି ଗଲାଣି। ବିଶେଷ କରି ଅଧିକାଂଶ ଦଳ ଗୁଡିକ ବ୍ୟକ୍ତିକୈନ୍ଦ୍ରିକ ଓ ପରିବାରବାଦକୁ ନେଇ ଚାଲୁ ଥିବାରୁ ଦଳ ମଧ୍ୟରେ ମେରି ରାୟରେ ଶାସନ ଚାଲୁଛି। ଦଳ ମଧ୍ୟରେ ଗଣତନ୍ତ୍ରକୁ ଖାଲି କାଗଜକଲମରେ ସିମିତ ରଖୁଛନ୍ତି । ଖୋଲାଖୋଲି ଭାବରେ ଗଣତନ୍ତ୍ରକୁ ଉଲ୍ଲଂଘନ କରୁଥିବା ଦେଖାଯାଉଛି।

ଏବେ ଆଉ ଏକ ମାରାତ୍ମକ ବେମାର ଦଳମାନଙ୍କ ମଧ୍ୟରେ ଦେଖିବାକୁ ମିଳୁଛି, ଯାହାକି ଦଳର ଶୃଙ୍ଖଳା ନାଆଁରେ କୌଣସି ଦଳର ନେତା ଦଳ ବା ନେତାର କାର୍ଯ୍ୟଶୈଳୀକୁ ସମାଲୋଚନା ବା ଆଲୋଚନା କରିପାରିବେ ନାହିଁ । ସେମାନେ କିଛି ମୁହଁ ଖୋଲିଲେ ତାହା ଦଳ ବିରୋଧ ଭାବେ ଗ୍ରହଣ କରାଯାଉଛି ଓ ସେହି ନେତାଙ୍କୁ ଦଳରୁ ବିଦା ହେବାକୁ ପଡୁଛି ଅଥବା ଏକଘରିକିଆ କରି ଦିଆଯାଉଛି । ଫଳରେ ଦଳରେ ଯେତେ ଅନୀତି ବା ଅବିବେକି କାର୍ଯ୍ୟ କଲେ ବି ତାକୁ ସମର୍ଥନ କରିବାକୁ ପଡୁଛି । ଯେଉଁ ନେତା ନିଜ ଦଳର ଦଳପତିଙ୍କ କଥାକୁ ସମର୍ଥନ କରୁନାହିଁ, ସେହି ନେତା ଅସନ୍ତୁଷ୍ଟ ନେତା ଭାବରେ ଦଳରେ କଣଠେସା ଖାଇ ରହିବାକୁ ପଡୁଛି । ଯେ ଦଳପତିକୁ ତେଲ ମାଲିସ କରି ସମସ୍ତ କାର୍ଯ୍ୟକୁ ସମର୍ଥନ କରୁଛି, ସେ ଉତମ ସମ୍ପର୍କରେ ରହି ଦଳରେ ଉଚ୍ଚ ଆସନ ପାଉଛି । ଆହୁରି ମଧ୍ୟ ଦେଖିବାକୁ ମିଳୁଛି ଏପରିକି ନିର୍ବାଚିତ ପ୍ରତିନିଧି ମାନେ କୌଣସି କାର୍ଯ୍ୟକ୍ରମମାନଙ୍କରେ ଦଳପତି ଦ୍ୱାରା ସମ୍ମାନ ପାଉ ନ ଥିଲେ ବି ତାକୁ ମୁଣ୍ଡପାତି ଚୁପ ରହି ସହି ଯିବାକୁ ପଡୁଛି। ଶାସକ ଦଳର ନିର୍ବାଚିତ ପ୍ରତିନିଧିମାନେ ଦଳପତିଙ୍କ ଦ୍ୱାରା ଗୌଣ ହୋଇଯାଉଥିବା ବେଳେ ସରକାରୀ ଅଧିକାରୀମାନଙ୍କୁ ଅଧିକ କ୍ଷମତା ଉପଭୋଗ କରିବାର ସୁଯୋଗ ଦେଉଥିବା ଦେଖାଯାଉଛି, ଯାହାକି ଗଣତନ୍ତ୍ର ପ୍ରତି ଘୋର ବିପଦ।

ଏକଦା କଂଗ୍ରେସର କାର୍ଯ୍ୟଶୈଳୀକୁ ବିରୋଧ କରୁଥିବା ଭାରତୀୟ ଜନତା ପାର୍ଟି ସେ ସମସ୍ତ କାର୍ଯ୍ୟଗୁଡିକୁ ଅଗ୍ରାଧିକାର ଦେଇ କରୁଥିବା ଜଣାଯାଉଛି । କଂଗ୍ରେସ ଶାସନ ସମୟରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରୁ ନିର୍ବାଚନ ନ କରାଯାଇ ବାହାରୁ ଜଣକୁ ଆଣି ଥୋଇ ଦେଉଥିଲେ ଓ ତାହାକୁ ଦେଶ ବ୍ୟାପି ଏଇ ଦଳର ନେତାମାନଙ୍କ ଦ୍ୱାରା ବିରୋଧ କରି ତୁମ୍ବିତୋଫାନ କରାଯାଉଥିଲା । କିନ୍ତୁ ଏବେ ଭାଜପା ମଧ୍ୟ ସେହି ନୀତିକୁ ଆପଣାଇଛି । ଦଳର ହାଇ କମାଣ୍ଡ ସାଧାରଣ ଜନତାଙ୍କ ଉପରେ ଜବରଦସ୍ତି କାହାକୁ ବସାଇ ସେମାନଙ୍କର ମତକୁ ଏବେ କଣ ଉପହାସ କରୁ ନାହାଁନ୍ତି କି ? ନ୍ତକହି ଦେଉ ଥାଇ ପରକୁ, ବୁଦ୍ଧି ନ ଦିଶଇ ଘରକୁ,ନ୍ତ ନୀତିରେ ଆଜି ଭାଜପା ମଧ୍ୟ ଦଳ ଭିତରେ ଗଣତନ୍ତ୍ର ରଖି ନାହିଁ । ଯେ ପର୍ଯ୍ୟନ୍ତ ଦଳମାନଙ୍କ ମଧ୍ୟରେ ଗଣତନ୍ତ୍ର ନ ରହିଛି, ସେ ପର୍ଯ୍ୟନ୍ତ ଦେଶର ଅବସ୍ଥାର ସୁଧାର ହେବ ନାହିଁ। ବ୍ୟକ୍ତି କୈନ୍ଦ୍ରିକ ଭାବରେ ଯେଉଁ ଶାସନ ଚାଲେ ତାକୁ ରାଜତନ୍ତ୍ର ବୋଲି କୁହାଯାଏ । ରାଜାର କୌଣସି କାର୍ଯ୍ୟକୁ ଯେଭଳି ଅନ୍ଧ ଭାବରେ ଗ୍ରହଣ କରି ନେଇ ଚୁପ ରହିବାକୁ ପଡେ, ଆମେ ଗଣତାନ୍ତ୍ରିକ ରାଷ୍ଟ୍ରରେ ମଧ୍ୟ ସେହିଭଳି ଚୁପରହି ରାଜତନ୍ତ୍ରକୁ ମଥାପାତି ବାଧ୍ୟରେ ଗ୍ରହଣ କରିଚାଲିଛନ୍ତି । ରାଜତନ୍ତ୍ରରେ ରାଜା ଏକଛତ୍ରବାଦୀ ଶାସନ କଲେ ପାରିଷଦବର୍ଗ ବିରୋଧ କରିବାର ରାହା ଯେଭଳି ପାଆନ୍ତି ନାହିଁ, ବରଂ ଚୁପ ରହି ଆଗାମୀ ଦିନକୁ ଅପେକ୍ଷା କରିବାକୁ ଶ୍ରେୟ ମଣନ୍ତି । ଠିକ୍ ସେହି ପରିସ୍ଥିତି ବର୍ତ୍ତମାନ ଦେଶରେ ଦେଖାଦେଇଛି । ଏ ପରିପ୍ରେକ୍ଷିରେ ଦେଶରେ ଜଣେ ଟଣୁଆ ମୁଖ୍ୟ ନିର୍ବାଚନ ଆୟୁକ୍ତର ଆବଶ୍ୟକ ରହିଛି ଓ ସମସ୍ତ ରାଜନୈତିକ ଦଳ ଗୁଡିକ ଉପରେ ଅଂକୁଶ ଲଗାଇ ଦଳମାନଙ୍କ ମଧ୍ୟରେ ଗଣତନ୍ତ୍ରକୁ ବଜାୟ ରଖିଲେ ଦେଶ ସୁଧାର ହେବ ଓ କିଛିଟା ସୁଶାସନ ମିଳିବ । ନଚେତ୍ ଏହିଭଳି ସରକାରମାନେ ଆସିବେ ନିଜ ନିଜର ଶାସନ ଆମ ଉପରେ ଲଦି ଦେଶ ଓ ଦଶର କ୍ଷତି ସାଧନ କରୁଥିବେ ।

ଆଡଭୋକେଟ, ସାମ୍ବାଦିକ,
ଅନୁଗୋଳ
ମୋ- ୯୪୩୭୨୯୦୬୬୨




# ମହାତ୍ମା ଗାନ୍ଧୀଙ୍କ ପଦଯାତ୍ରା ସ୍ମୃତି ଚାରଣ



କେନ୍ଦ୍ରାପଡ଼ା: ଜାତିର ପିତା ମହାତ୍ମା ଗାନ୍ଧୀ ୧୯୩୪ ମସିହାରେ ଓଡିଶାକୁ ଆସିଥିଲେ । ଓଡିଶାର ବିଭିନ୍ନ ସ୍ଥାନକୁ ପଦଯାତ୍ରା କରିଥିବା ବେଳେ ମଇ ମାସ ୨୭ ତାରିଖରେ ପଦଯାତ୍ରାରେ ଆସି କେନ୍ଦ୍ରାପଡାରେ ପହଞ୍ଚିଥିଲେ । କେନ୍ଦ୍ରାପଡାର ସଲାରୋ, ତିନିମୁହାଣୀ ଓ ବାରିମୂଳ ଆଦି ସ୍ଥାନରେ ସଭା କରିବା ସହିତ ଗରାପୁର ଡାକ ବଙ୍ଗଳାରେ ମଇ ୨୭ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ରହଣି କରିଥିଲେ। ଗାନ୍ଧିଜୀଙ୍କର ଏହି ପଦଯାତ୍ରା ସ୍ମୃତିକୁ ମନେ ପକାଇବା ପାଇଁ ପ୍ରତିବର୍ଷ ମଇ ୩୦ ତାରିଖରେ ଗରାପୁର ଡାକବଙ୍ଗଳାଠାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୁଏ । ଚଳିତ ବର୍ଷ କୋଭିଡ କଟକଣା ବଳବତ୍ତର ଥିବାରୁ କେବଳ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଛି । ରବିବାର ଗରାପୁର ଡାକବଙ୍ଗଳା ପାର୍ଶ୍ୱରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ କେନ୍ଦ୍ରାପଡା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡା, ପ୍ରାକ୍ତନ ମନ୍ତ୍ରୀ ଗଣେଶ୍ୱର ବେହେରା, ସ୍ୱାଧୀନତା ସଂଗ୍ରାମୀ ସମିତି ସମ୍ପାଦକ ଗୋପାଳ କୃଷ୍ଣ ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅଲେଖ ଚନ୍ଦ୍ର ଦାଶ, ଜିଲ୍ଲା ପବ୍ଲିକ ରାଇଟ୍ସ ସଂପାଦକ ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କୋଭିଡ କଟକଣା ନିୟମ ଅନୁସାରେ ସାମାଜିକ ଦୂରତା ରକ୍ଷାକରି କେବଳ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପଦଯାତ୍ରାର ସ୍ମୃତି ରକ୍ଷା କରାଯାଇଛି ।

## ବାଇପାସ ଛକରୁ କୋର୍ଟ ଛକ ରାସ୍ତା ପାଲଟିଛି ମରଣଯନ୍ତା

ଭୁବନ : ଭୁବନ ସହର ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର କାଳୀବଜାର ମୁଖ୍ୟରାସ୍ତାରେ ଗାଡିଆ ସୃଷ୍ଟି ହୋଇଛି । ୫୩ ନମ୍ବର ଜାତୀୟ ରାଜପଥରେ ଏବେ ୪ ଥାକିଆ ରାସ୍ତାକାମ ଓ ବାଇପାସ ନିର୍ମାଣ ଚାଲିଥିବାବେଳେ ସହର ମଧ୍ୟଦେଇ ଯାଇଥିବା ରାସ୍ତାଟି ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଖାଲଖମାରେ ପରିଣତ ହୋଇ ମରଣଯନ୍ତା ପାଲଟିଛି । ଗୋଦରା କୋଡେ ଯେତେ ମାଡେ ସେତେ ନ୍ୟାୟରେ ସେପଟେ ୪ ଟିକିଆ ରାସ୍ତା କାମ ଯେତେ ଅଗ୍ରଗତି ହେଉଛି ଏପଟେ ପୁରୁଣା ରାସ୍ତା ଭାଙ୍ଗିରୁଜି ନଷ୍ଟହୋଇ ଆଣ୍ଠୁଏ ଲେଖାଏଁ ଖାଲ ସୃଷ୍ଟି ହେଉଛି । ବାଇପାସ ରାସ୍ତା ନିର୍ମାଣ କମ୍ପ୍ଲିଟ ହୋଇ ନଥିବାରୁ ଦୈନିକ ଶତାଧିକ କୋଇଲା ବୋଝେଇ ଟ୍ରକ ଓ ବାଲି ବୋଝେଇ ହାଇୱା ଟ୍ରକ ଚାଲିବା ଫଳରେ ରାସ୍ତା ଅତ୍ୟନ୍ତ ଖରାପ ହେଉଛି । ଭୁବନ ସହରର ପ୍ରବେଶ ପଥ ବାଇପାସ ଛକ (ନୀଳମାଧବ ପେଟ୍ରୋଲ ପମ୍ପ ) ଠାରୁ କୋର୍ଟ ଛକ ପର୍ଯ୍ୟନ୍ତ ୩ କିମି ରାସ୍ତାରେ ହଜାରେ ରୁ ଉର୍ଦ୍ଧ୍ୱ ଖାଲ ସୃଷ୍ଟି ହୋଇଛି । ବର୍ଷା ହେବା ଫଳରେ ଖାଲରେ ପାଣି ଜମି କୃତ୍ରିମ ଗାଡିଆ ସୃଷ୍ଟି ହୋଇଛି ଓ ପ୍ରତିଦିନ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟୁଛି ।

# ୱେବ୍ ମିଡିଆ ଆକ୍ଟିଭ ଫୋରମ ପକ୍ଷରୁ ସାମ୍ବାଦିକ ଆଶୁତୋଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

କନ୍ଧମାଳ : କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀରେ ଥିବା ବନାନୀ କଳାସଙ୍ଗମ ଠାରେ ଫୁଲବାଣୀ ୱେବ୍ ମିଡିଆ ଫୋରମ ପକ୍ଷରୁ ସ୍ୱର୍ଗତ ସାମ୍ବାଦିକ ଆସୁତୋଷ ବେହେରାଙ୍କ ଉଦ୍ଦେଶ୍ୟରେ ଏକ ଶୋକ ସଭା ଅନୁଷ୍ଠିତ । କାର୍ଯ୍ୟକ୍ରମ ଆମ ଟିଭିର ସମ୍ବାଦଦାତା ଖିରୋଦ କୁମାର ସାହାଣୀଙ୍କ ଆହ୍ୱାନରେ ଆୟୋଜିତ ହୋଇଥିଲା । ଏହି ଶୋକସଭାରେ ଓଡିଶା ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟସ କନ୍ଧମାଳ ଜିଲ୍ଲା (ଓୟୁଜେ)ସଭାପତି ପ୍ରଶାନ୍ତ କୁମାର ବେହେରା,ଜିଲ୍ଲା ପ୍ରେସ କ୍ଲବର ଉପସଭାପତି ସନ୍ତୋଷ କୁମାର ଦିଗାଲ,ସାମ୍ବାଦିକ ସୁନିଲ ବିଶ୍ୱାଳ ଏବଂ ସୂର୍ଯ୍ୟ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଅତିଥି ମାନେ ସ୍ୱର୍ଗତ ସାମ୍ବାଦିକ ଆସୁତୋଷ ବେହେରାଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ୱେବ୍ ମିଡିଆ ଫୋରମର ସଦସ୍ୟ ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ତାଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ୍ ସମବେତ ନୀରବ ପ୍ରାର୍ଥନା କରାଯାଇଥିଲା ସେ କୋଭିଡରେ ଆକ୍ରାନ୍ତ ହେବାପରେ ତାଙ୍କୁ ଫୁଲବାଣୀ କୋଭିଡ ହସପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରା ଯାଉଥିଲା । ଗତ ୨୩ ତାରିଖ ରବିବାର ଦିନ ରାତ୍ରି ପ୍ରାୟ ୯ଟା ବେଳେ ତାଙ୍କର ଦେହାନ୍ତ ଘଟିଥିଲା । ସ୍ୱର୍ଗତ ସାମ୍ବାଦିକ ଆସୁତୋଷ ଜଣେ ଖୁସ ମିଜାଜ୍ ଏବଂ ମେଳାପୀ ଏବଂ ଖେଳପ୍ରେମୀ ବ୍ୟକ୍ତି ଥିଲେ ଯେକୌଣସି ପରସ୍ଥିତିରେ ମଧ୍ୟ ସେ ନିଜେ ଖୁସିରେ ରହିବା ସହିତ ଅନ୍ୟକୁ ମଧ୍ୟ ଖୁସିରେ ରଖିବାକୁ ଚେଷ୍ଟା କରୁଥିଲେ ବୋଲି କହିବା ସହିତ ସାମ୍ବାଦିକ ମାନେ ତାଙ୍କର କାର୍ଯ୍ୟକ୍ଷେତ୍ରରେ ଶୃଙ୍ଖଳିତ ଏବଂ ସଂଗଠିତ ହୋଇ କାମ କରିବା ସହିତ ସାମ୍ବାଦିକତାର ମର୍ଯ୍ୟାଦାକୁ ଅଗ୍ରାଧିକାର ଦେଇ କାମ କରିବାକୁ ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ପରାମର୍ଶ ଦେଇଥିଲେ । ସେହିପରି ସ୍ୱର୍ଗତ ଆସୁତୋଷଙ୍କ ସହିତ ପରିବାରିକ ସମ୍ପର୍କ ଥିବା ଏବଂ ତାଙ୍କୁ ଏହି ଦିଗରେ କାର୍ଯ୍ୟ କରିବା ଦିଗରେ ମାର୍ଗ ଦର୍ଶନ କରିଥିବା ନେଇ ସୂଚନା ଦେବା ସହିତ ଆସୁତୋଷ ତାଙ୍କର ଜଣେ ଅନ୍ତରଙ୍ଗ ବ୍ୟକ୍ତି ଥିଲେ ବୋଲି ସାମ୍ବାଦିକ ସୁନିଲ ବିଶ୍ୱାଳ କହିଥିଲେ । ସ୍ମୃତିଚାରଣ ଅବସରରେ ସାମ୍ବାଦିକ ସନ୍ତୋଷ କୁମାର ଦିଗାଲ ତାଙ୍କୁ ଜଣେ ଅତି ମେଳାପୀ ଏବଂ ଲୋକ ପ୍ରିୟ ବ୍ୟକ୍ତି ଥିଲେ ତେଣୁ ତାଙ୍କର ସବୁ ବର୍ଗର ଲୋକଙ୍କ ସହିତ ସୁସମ୍ପର୍କ ରହିଥିଲା ବୋଲି କହିବା ସହିତ ନୂତନ ଭାବରେ କାର୍ଯ୍ୟ କରୁଥିବା ୱେବ୍ ମିଡିଆର ସାମ୍ବାଦିକ ମାନଙ୍କୁ କିପରି ସଠିକ ଭାବରେ କାର୍ଯ୍ୟ କରିବାକୁ ହେବ ସେହି ଦିଗରେ ମାର୍ଗ ଦର୍ଶନ କରିବା ସହିତ ଏହି ଦିଗରେ ଥିବା ନିଜର ୨୫ ବର୍ଷର ଅଭିଜ୍ଞତାର ଶିକ୍ଷଣୀୟ ଅନୁଭୂତିକୁ ନିଜ ବକ୍ତବ୍ୟରେ କହିଥିଲେ । ପରେ ସାମ୍ବାଦିକ ଜୟାସେନ ପରିଡା,ସୂର୍ଯ୍ୟ ବେହେରା, ବୈଦ୍ୟନାଥ ବେହେରା,ବୈଦ୍ୟ ନାଥ ନାୟକ ଏବଂ ଅନ୍ୟ ସାମ୍ବାଦିକ ମାନେ ତାଙ୍କର ବକ୍ତବ୍ୟ ରଖିଥିଲେ । ଶେଷରେ ଖିରୋଦ ସାହାଣୀ ତାଙ୍କର ବକ୍ତବ୍ୟ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଫୁଲବାଣୀର ପ୍ରାୟ ୩୦ ଜଣ ୱେବ୍ ମିଡିଆର ସାମ୍ବାଦିକ ଯୋଗ ଦେଇଥିଲେ ।

# କୋଭିଡ-୧୯ ପାସ୍ ଥିବା ଗାଡିରେ ଆସି ମାରଣାସ୍ତ୍ରରେ ସରପଂଚଙ୍କୁ ଆକ୍ରମଣ ଉଦ୍ୟମ ପଣ୍ଡ

କନ୍ଧମାଳ : କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ସୋନପୁର ପଂଚାୟତର ସରପଂଚ କେଶବସେନ ମୁଠାମାଝୀଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ ଉଦ୍ୟମ ପଣ୍ଡ ହୋଇଛି । ଗୁରୁବାର ରାତି ପ୍ରାୟ ୮ଟା ବେଳେ ସରପଂଚ ନିଜ ଘରେ ଥିବାବେଳେ ତାଙ୍କୁ ସେହି ଅଂଚଳର ସରୋଜ କୁମାର ସିଂ ଏବଂ କପିଳ ଦିଗାଲ ନାମକ ଦୁଇଜଣ ବ୍ୟକ୍ତି ସରପଂଚ କେଶବସେନଙ୍କୁ ବାହାରକୁ ଡାକିଥିଲେ । ସେ ବାହାରକୁ ଆସିବା ପରେ ଘର ନିକଟରେ ଠିଆ ହୋଇଥିବା ଏକ ବୋଲେରୋରୁ ୫ ଜଣ ଅଜଣା ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ର ଧରି ତାଙ୍କୁ ଆକ୍ରମଣ କରିବାକୁ ଦୌଡି ଆସିଥିଲେ ଫଳରେ କେଶବସେନ ଭୟଭୀତ ହୋଇ ସାହି ଲୋକଙ୍କୁ ସାହାଯ୍ୟ ପାଇଁ ପାଟି କରିବା ସହିତ ଘର ଭିତରକୁ ଦୌଡି ପଳାଇଲେ । ତାଙ୍କ ପାଟି ଶୁଣି ଆଖପାଖ ଅଂଚଳର ଲୋକେ ସେଠାରେ ଏକାଠି ହେବାରୁ ଦୁର୍ବୃତ୍ତ ମାନେ ସେଠାରୁ ସେମାନେ ଆଣିଥିବା ଗାଡିକୁ ଛାଡି ଦୌଡି ପଳାଇଥିଲେ । ଏହାପରେ ସରପଂଚ ଏ ସଂକ୍ରାନ୍ତରେ ଦାରିଙ୍ଗବାଡି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଆସି ଘଟଣାସ୍ଥଳରେ ପହଂଚିଥିଲା । ସ୍ଥାନୀୟ ଲୋକେ ସେଠାରେ ଥିବା ବୋଲେରୋ ନଂ (ଓଡି -୧୯ କେ ୩୩୨୫)କୁ ପୋଲିସ ଜିମାରେ ଦେଇଥିଲେ । ଉକ୍ତ ବୋଲେରୋରେ ଓମଫେଡ୍ ଏବଂ ପୁମୁଲର କମ୍ପାନୀର ଲୋଗୋ ଲାଗିଥିବା ଦେଖାଯାଇଛି ଏହା ସହିତ ସେଥିରେ ପୁରୀ ଜିଲ୍ଲା ଦୁଗ୍ଧ ଉତ୍ପାଦନ ସମବାୟ ୟୁନିୟନ ଜରିଆରେ ମିଳିଥିବା କୋଭିଡ -୧୯ ପାସ୍ ମଧ୍ୟ ଲାଗିଥିବା ଦେଖିବାକୁ ମିଳିଛି । ଏହି ଘଟଣାର ଅଭିଯୁକ୍ତ ସେହି ଅଂଚଳର ସରୋଜ କୁମାର ସିଂ ନାମକ ଜଣେ ଶିକ୍ଷକ ବୋଲି ଅଭିଯୋଗ କରିଛନ୍ତି ସରପଂଚ । ତାଙ୍କ ସହିତ ସରପଂଚଙ୍କର ପୂର୍ବ ଶତ୍ରୁତା ରହିଥିବା ଯୋଗୁଁ ଶିକ୍ଷକ ଜଣକ ତାଙ୍କୁ ଜୀବନରେ ମାରିଦେବାକୁ ପୂର୍ବରୁ ଧମକ ଦେଇଥିଲେ ବୋଲି ମଧ୍ୟ କହିଛନ୍ତି ସେ । ତେଣୁ ସରୋଜ ବାହାରୁ ଲୋକ ଡକାଇ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିବାକୁ ମସୁଧା କରିଥିଲେ ବୋଲି ସରପଂଚ ଅଭିଯୋଗ କରିଛନ୍ତି । ତେବେ ଘଟଣାସ୍ଥଳରେ ଦାରିଙ୍ଗବାଡି ଥାନା ଅଧିକାରୀ କୌଶିକ ମାଝୀ ପହଂଚି ବୋଲେରୋକୁ ଜବତ କରିବା ସହିତ ଏକ ମାମଲା ୮୯/୨୧ ରେ ରୁଜୁ କରି ଘଟଣାର ତଦନ୍ତ କରୁଥିବା ପୋଲିସ ସୂତ୍ରରୁ ଜଣାପଡିଛି । ସୂଚନାଯୋଗ୍ୟ, ଅଭିଯୁକ୍ତ ଶିକ୍ଷକ ଜଣକ କିଛି ଦିନପୂର୍ବେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମଶାରୀ ବଣ୍ଟନ ବେଳେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କ ସହ ମଦ୍ୟପାନ କରି ଅଶାଳୀନ ବ୍ୟବହାର କରିଥିବା ନେଇ ଅଭିଯୋଗ ହେବା ସହିତ ତାଙ୍କ ନାମରେ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଥିଲା । ତେବେ ସରପଂଚଙ୍କୁ ସେ କେଉଁ କାରଣରୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ ତାହା ଜଣାପଡି ନାହିଁ ।

## ମୟୂରଭଞ୍ଜ: ଆଜି ଜିଲ୍ଲାରୁ ୩୨୦ ନୂଆ କରୋନା ପଜିଟିଭ ଚିହ୍ନଟ

ବାରିପଦା : ୟସ ବାତ୍ୟାକୁ ନେଇ ଜିଲ୍ଲାରେ ଗତ ମେ ୨୫ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଜିଲ୍ଲାରେ କୋଭିଡ଼-୧୯ ପରୀକ୍ଷା ବନ୍ଦ ରହିବା ପରେ ୨୮ ତାରିଖରୁ ପୁଣି ଥରେ କୋଭିଡ଼-୧୯ ପରୀକ୍ଷା ଆରମ୍ଭ ହୋଇଥିଲା ଏବଂ ଗତ ୨୪ ଘଂଟା ମଧ୍ୟରେ ଓଡ଼ିଶାରୁ ଚିହ୍ନଟ ହୋଇଥିବା ୭,୧୮୮ କରୋନା ପଜିଟିଭ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ନୂଆ ୩୨୦ ଜଣ କରୋନା ଆକ୍ରାନ୍ତ ହୋଇଛନ୍ତି ଏବଂ ସଂକ୍ରମିତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୨୬,୮୯୨ରେ ପହଂଚିଛି । ସେହିପରି ଆଜି ପର୍ଯ୍ୟନ୍ତ ଜିଲ୍ଲାରୁ ୮୭.୪୧ ପ୍ରତିଶତ ହାରରେ ୨୩,୫୦୬ ଜଣ ସୁସ୍ଥ ହୋଇ ଫେରିଥିବା ସମୟରେ ୧୨.୨୪ ପ୍ରତିଶତ ହାରରେ ୩,୨୯୧ ଜଣ ସକ୍ରିୟ ଥାଇ ହୋମ ଆଇସୋଲେସନ, କୋଭିଡ଼ କେୟାର ସେଂଟର, କୋଭିଡ଼ ହସପିଟାଲ, ବାରିପଦା ପିଆରଏମ ମେଡ଼ିକାଲ ସ୍ଥିତ ସ୍ୱତନ୍ତ୍ର ୱାର୍ଡ଼ ଓ କଟକ-ଭୁବନେଶ୍ୱର ଆଦିରେ ଚିକିତ୍ସା ହେଉଛନ୍ତି । ସେହିପରି ମେ ୨୯ ମଧ୍ୟରେ କୋଭିଡ଼-୧୯ ଭୂତାଣୁରେ ଆକ୍ରାନ୍ତ ଥାଇ ଚିକିତ୍ସାଧୀନ ଅବସ୍ଥାରେ ଜିଲ୍ଲାରୁ ମୋଟ ୯୫ ଜଣଙ୍କର ମୃତ୍ୟୁ ହୋଇଥିବାର ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ଜଣାପଡ଼ିଛି ।

# ଫୁଲବାଣୀରେ ଫ୍ରଣ୍ଟଲାଇନ ମିଡିଆ ଆସୋସିଏସନ ତରଫରୁ ରାସନ ବଣ୍ଟନ କାର୍ଯ୍ୟକ୍ରମ

କନ୍ଧମାଳ: ଫୁଲବାଣୀ ପ୍ରେସ ସାମ୍ବାଦିକ ଭାବନଠାରେ ଆଜି ଜିଲ୍ଲା ଫ୍ରଣ୍ଟଲାଇନ ମିଡିଆ ଅସୋସିଏସନ ତରଫରୁ ଫୁଲବାଣୀର ସମସ୍ତ ସାମ୍ବାଦିକ ମାନଙ୍କୁ ରାସନ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁ ଉଦଘାଟନ କରି ସାମ୍ବାଦିକ ମାନଙ୍କୁ ଏହି ରାସନ ସାମଗ୍ରୀ ପ୍ରଦାନ କରିବାସହିତ କୋଭିଡ ସଂକ୍ରମଣବେଳେ ସାମ୍ବାଦିକ ମାନଙ୍କ ଅସୁବିଧାରେ ଏହିଭଳି ସହାୟତା ପାଇଁ ଆୟୋଜନ ଆସୋସିଏସନ ଦ୍ୱାରା କରାଯାଇଥିବାରୁ ଆୟୋଜକ ମାନଙ୍କୁ ପ୍ରଶଂସା କରିଥିଲେ । କୋଭିଡ ସଂକ୍ରମଣ ଯୋଗୁଁ ଲକଡାଉନ କାଳରେ ସାମ୍ବାଦିକ ମାନଙ୍କ କାର୍ଯ୍ୟକ୍ଷେତ୍ରରେ ନାନା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ସେଥିପାଇଁ ଫୁଲବାଣୀର ସମସ୍ତ ସାମ୍ବାଦିକ ଏବଂ କ୍ୟାମେରାମେନ ମାନଙ୍କୁ ରାସନ ସାମଗ୍ରୀ ବଣ୍ଟନ କରାଯିବା ସହିତ ନିକଟରେ କୋଭିଡ ସଂକ୍ରମଣରେ ମୃତ୍ୟୁବରଣ କରିଥିବା ଫୁଲବାଣୀର ସାମ୍ବାଦିକ ଆଶୁତୋଷ ବେହେରାଙ୍କ ଆତ୍ମାର ସଦଗତି ପାଇଁ ସହରର ସମସ୍ତ ଗରିବ ଦୁଃଖୀ ମାନଙ୍କ ପାଇଁ ସ୍ୱର୍ଗତ ଆଶୁତୋଷଙ୍କ ଦ୍ୱାଦଶାହ ପାଳନ ବେଳେ ଆସୋସିଏସନ ପକ୍ଷରୁ ରନ୍ଧା ଖାଦ୍ୟ ବଣ୍ଟନ କରାଯିବା ପାଇଁ କନ୍ଧମାଳ ଟିମ ହ୍ୟୁମାନିଟିକୁ ମଧ୍ୟ ଏହି ରାସନ ସାମଗ୍ରୀ ପ୍ରଦାନ କରାଯାଇଛି । ଏହି ଅବସରରେ ଫୁଲବାଣୀ ପ୍ରେସ କ୍ଲବର ସଭାପତି ଶିବପ୍ରସାଦ ତ୍ରିପାଠୀ,ସମ୍ପାଦକ ଅଜିତ କୁମାର ମହାରଣା, ଫ୍ରଣ୍ଟଲାଇନ ମିଡିଆ ଅସୋସିଏସନର ସଭାପତି ସୁଜିତ କୁମାର ବେହେରା,ସମ୍ପାଦକ ତ୍ରିନାଥ ସାହୁ ଉପଦେଷ୍ଟା ସୁନିଲ କୁମାର ପଟ୍ଟନାୟକ, ସଦାଶିବ ପାତ୍ର,ବରିଷ୍ଠ ସାମ୍ବାଦିକ ସୁବାଷ ପ୍ରଧାନ, ନାରାୟଣ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଜବିହାରୀ ନନ୍ଦ,ଉପସଭାପତି ଅଶୋକ କୁମାର ମହାନ୍ତି,କୋଷାଧ୍ୟକ୍ଷ ସୁନିଲ କୁମାର ବିଶ୍ୱାଳ, ସ୍ମୃତିନି କମିଟି ସଭାପତି ରଞ୍ଜନ କୁମାର ପ୍ରଧାନ, ରାକେଶ ରାଉତ, କାର୍ଯ୍ୟକାରୀ ସଦସ୍ୟ ପ୍ରଶାନ୍ତ କୁମାର ଜେନାଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ପ୍ରଦାନ କରାଯାଇଥିବା ଏହି ସାମଗ୍ରୀ ଭିତରେ ପ୍ରତ୍ୟେକଙ୍କୁ ଗୋଟିଏ ପ୍ୟାକେଟ୍ ଚାଉଳ, ଡାଲି, ଚିନି, ତେଲ, ଅଟା, ଚୁଡା, ବିସ୍କୁଟ, ସାବୁନ, ସର୍ଫ ଏବଂ ସେଥିରେ ଗୋଟିଏ ଲେଖାଏଁ ସାନିଟାଇଜର କିଟ୍ ପ୍ରଦାନ କରାଯାଇଛି । କୋଭିଡ ସଂକ୍ରମଣ ବେଳେ ଲକଡାଉନ ସମୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଜୀବିକା ପ୍ରଭାବିତ ହୋଇଥିବାରୁ ଆସୋସିଏସନ ପକ୍ଷରୁ ଏହି ଆୟୋଜନ କରାଯାଇଛି ବୋଲି ସମ୍ପାଦକ ତ୍ରିନାଥ ସାହୁ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ମାନଙ୍କ ସମେତ କ୍ୟାମେରା ମେନ ମାନଙ୍କୁ ମଧ୍ୟ ଏହି ସାମଗ୍ରୀ ବିତରଣ କରାଯାଇଥିଲା।

## ରୋଟାରୀ କ୍ଲବ ଜୟପୁର ତରଫରୁ ଅକ୍ସିଜେନ ସିଲିଣ୍ଡର ପ୍ରଦାନ

ଜୟପୁର: କରୋନା ମହାମାରୀ ଉଗ୍ର ରୂପ ଧରାଣ କରୁଥିବା ବେଳେ ରୋଗୀକୁ ଅକ୍ସିଜେନ ଅଭାବ ଦୂର କରିବା ପାଇଁ ଆଗେଇ ଅସିଛି ରୋଟାରି କ୍ଲବ ଜୟପୁର । ଏନେଇ ଶନିବାର ରୋଟାରୀ କ୍ଲବ ତରଫରୁ ଜୟପୁର ଜିଲା କୋଭିଡ ହସ୍ପିଟାଲକୁ ଅକ୍ସିଜେନ ସିଲିଣ୍ଡର ପ୍ରଦାନ କରାଯାଇଛି । କ୍ଲବର ସଭାପତି ଜି.ଭି ରାଓ ଏବଂ ସମ୍ପାଦକ ଜ୍ୟୋତି ପ୍ରକାଶ ଭୋଇ , ବରିଷ୍ଠ ସଭ୍ୟ ଅଶିଷ ଅଗ୍ରୱାଲ ଜୟପୁର କୋଭିଡ ହସପିଟାଲ ଯାଇ ୧୧ ଟି ଅକ୍ସିଜେନ ସିଲିଣ୍ଡର ପ୍ରଦାନ କରିଛନ୍ତି । ଏହି ସିଲିଣ୍ଡର ଆବଶ୍ୟକୀୟ ରୋଗୀଙ୍କ ବ୍ୟବହାର ପାଇଁ ଉପଯୋଗ ହେବ । ଏହି ଅବସରରେ କୋରାପୁଟ ଜିଲା ଡ୍ରଗ୍ସ ଇନିସପେକ୍ଟର ଚିନ୍ମୟ କୁମାର ଜେନା, ହସପିଟାଲ ମ୍ୟାନେଜର ସୌରଜିତ ଅଗସ୍ତି, କୋଭିଡ ହସପିଟାଲର ମେଡିକାଲ ଅଫିସର ଡାକ୍ତର ଅଶିଷ କୁମାର ପାଣିଗ୍ରାହୀ, ଷ୍ଟୋର ଇନଚାର୍ଜ ସୁ ପ୍ରକାଶ ଜାନିଙ୍କ ଉପରେ ପ୍ରଦାନ କରାଯାଇଥିଲା ।

# ଲକ ଡାଉନ ଯୋଗୁଁ ଗୋଆ ରେ ଫସିଥିବା ଯୁବକ ଫେରିଲେ ଘରକୁ

ମଲକାନଗିରି :ମାଲକାନଗିରି ଜିଲ୍ଲା କାଳିମେଳା ଅଂଚଳର ମିଥୁନ ସରକାର ସ୍ଥାନୀୟ ଅଂଚଳରେ କାମଧନ୍ଦା ନାହିଁ ବୋଲି ତିନି ମାସ ତଳେ ସ୍ତ୍ରୀ ଓ ଗୋଟିଏ ଛୋଟ ଛୁଆକୁ ସାଙ୍ଗରେ ଧରି ସୁଦୂର ଗୋଆ ଯାଇଥିଲେ । ତିନି ମାସ ତଳେ ସେ ଏକ ଘରୋଇ କମ୍ପାନୀ ରେ ସିକୁରିଟି ଗାର୍ଡ ଭାବେ ଚାକିରୀପାଇଥିଲେ । କିନ୍ତୁ ୨ ମାସ କାମ କଲା ପରେ ଲକ୍ ଡାଉନ୍ ପାଇଁ ତାଙ୍କୁ ୧୫ ଦିନର ଦରମା ଦେଇ କମ୍ପାନୀ କାମରୁ ଛଟେଇ କରିଦେଲା ।ବର୍ତ୍ତମାନ ମିଥୁନ ହାତରେ କାମ ନାହିଁ । କାଳିମେଳା ଆସିବା ପାଇଁ ନା ଅଛି ଟଙ୍କା ନା ଅଛି ଯାତାୟତର ସୁବିଧା । ଏବେ ମାନସିକ ଯନ୍ତ୍ରଣାରେ ଛଟପଟ ହୋଇ ଦିନ କାଟୁଛନ୍ତି ଗୋଆର ଏକ ଭଡା ଘରେ । ହାତରେ ଟଙ୍କାଟିଏ ନାହିଁ । ଭୋକ ଉପବାସରେ ଦିନ କାଟୁଥିବା ବେଳେ ଘର ମାଲିକ ଘର ଛାଡିବା ପାଇଁ ବାରମ୍ବାର ଧମକ ଦେଉଛି । ତାଙ୍କୁ ଓଡିଶା ସରକାର ତୁରନ୍ତ ସାହାଯ୍ୟ କରିବା ପାଇଁ ମିଥୁନ ସୋସିଆଲ ମିଡିଆରେ ବିନମ୍ର ନିବେଦନ କରିଥିଲେ । ଏହି ଭିଡ଼ିଓ ଭାଇରଲହେବାପରେ ମାଲକାନଗିରି ଜିଲ୍ଲାପାଳ ୱାଇ ବିଜୟ ତୁରନ୍ତ କାଳିମେଳା ବିଡିଓଙ୍କ ସହିତ ଯୋଗାଯୋଗ କରିଥିଲେ ।କାଳିମେଳା ବିଡିଓ ଠିକଣା ପାଇ ତୁରନ୍ତ ମିଥୁନ ସରକାର ଏବଂ ତାଙ୍କ ସ୍ତ୍ରୀ ସରିତାଙ୍କର ଆଧାର କାର୍ଡ କରି ଗୋଆ ପଠାଇଥିଲେ । ଏହା ପରେ ଗଣ ମାଧ୍ୟମରେ ପ୍ରକାଶିତ ଖବର ପାଇ କିଟ୍ ଓ କିସ୍ର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଡଃ ଅଚ୍ୟୁତ ସାମନ୍ତ ଗୋଆରେ ଫଶି ରହିଥିବା ମିଥୁନ ସରକାରଙ୍କ ସପରିବାରଙ୍କୁ ଆଣିବା ପାଇଁ ଟିକେଟ୍ ର ବ୍ୟବସ୍ଥା କଲା ପରେ ଗୋଆରେ ରହୁଥିବା ବିଶିଷ୍ଟ ସମାଜସେବୀ ପ୍ରଣୟ ବିର୍ଲାଙ୍କୁ ଡଃ ସାମନ୍ତ ଯୋଗାଯୋଗ କରିଥିଲେ । ପ୍ରଣୟ ବିର୍ଲା ମିଥୁନ ପରି ବାରଙ୍କୁ ଗାଡିରେ ଆଣି ଗୋଆ ଏୟାର ପୋର୍ଟରେ ଗତ ୨୭ ତାରିଖରେ ଛାଡିଲା ପରେ ସେମାନେ ବିଶାଖାପଟଣାରେ ପହଂଚି ଥିଲେ । ମାଲକାନଗିରି ଜିଲ୍ଲାରୁ ଅନ୍ୟତମ ସମାଜସେବୀ ବିନୋଦ ଟାୱାରୀ ବିଶାଖା ପାଟଣାରେ ପୂର୍ବରୁ ପହଂଚି ସେମାନଙ୍କୁ ଗାଡିରେ ବସାଇ ରାତି ୩ ଘଟିକା ସମୟରେ ମାଲକାନଗିରି ଆଣିଥିଲେ । ମାଲକାନଗିରି ସଦର ମହକୁମାର ରମ୍ୟରଞ୍ଜନ ପରିଡା ସମାଜସେବୀ ସେମାନଙ୍କୁ ଆଜି ସକାଳେ ଚିତ୍ରକୋଣ୍ଡାରେ ଛାଡିଥିବା ଜଣା ପଡିଛି । ମିଥୁନ ପୂର୍ବରୁ ଚିତ୍ରକୋଣ୍ଡାରେ ରହି ପରିବା ବ୍ୟବସାୟ କରୁଥିଲେ । ତେବେ ଲକ୍ ଡାଉନ୍ ସମୟରେ ଏଠାରେ ରହି ପରିବା ବିକି ପରିବାର ପ୍ରତିପୋଷଣ କରିବେ ବୋଲି କହିଥିଲେ । ତେବେ ତାଙ୍କୁ ଆଣିବା ପାଇଁ ଯେଉଁମାନଙ୍କର ଉଦ୍ୟମ ରହିଛି ସମସ୍ତଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# କର୍ମଜୀବି ସାମ୍ବାଦିକମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଯୋଜନା

କେନ୍ଦ୍ରାପଡ଼ା: କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ରାଜ୍ୟ ସରକାର ଗୋପବନ୍ଧୁ କାର୍ଯ୍ୟରତ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ପ୍ରଣୟନ କରିଛନ୍ତି । ୨୦୨୧-୨୦୨୨ ମସିହା ପର୍ଯ୍ୟନ୍ତ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ନିମିତ୍ତ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରିଛନ୍ତି । କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନେ ତଦନୁଯାୟୀ ସେମାନଙ୍କର ଦରଖାସ୍ତ ଓ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଜୁନମାସ ୮ତାରିଖ ସୁଦ୍ଧା ଦାଖଲ କରିବେ । ଏଥିପାଇଁ ନିର୍ଦ୍ଧାରିତ ପ୍ରୋଫର୍ମାରେ ଆବଶ୍ୟକୀୟ ତଥ୍ୟ ପୂରଣ ସହ ଗଣମାଧ୍ୟମ ପ୍ରତିନିଧିମାନେ ସେମାନଙ୍କର ନିଯୁକ୍ତି ପତ୍ର, ପ୍ରେସ ପରିଚୟ ପତ୍ର, ବୟସ ପ୍ରମାଣ ପତ୍ର ସହ ତାଙ୍କର ସ୍ତ୍ରୀ/ସ୍ୱାମୀ, ପୁଅ,ଝିଅ (ଯେଉଁମାନଙ୍କର ବୟସ ୨୫ବର୍ଷରୁ କମ୍ ହୋଇଥିବ)ଙ୍କର ବୟସ ସମ୍ପର୍କିତ ପ୍ରମାଣ ପତ୍ରର ନକଲ ସଂଲଗ୍ନ କରି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ କେନ୍ଦ୍ରାପଡାରେ ଦାଖଲ କରିବେ । ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରୋଫର୍ମା ( ଡିଆଇପିଆରଓ ପ୍ରେସ୍ ଗ୍ରୁପ)ରେ ଆସନ୍ତା ମଙ୍ଗଳବାର ୧ତାରିଖରେ ଉପଲବ୍ଧ ହେବ । ଏତତ୍ ବ୍ୟତୀତ ଏହା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, କେନ୍ଦ୍ରାପଡାରେ ମଧ୍ୟ ମିଳିପାରିବ । ଏଣୁ ଜିଲ୍ଲାରେ କାର୍ଯ୍ୟରତ ଛାପା, ବୈଦ୍ୟୁତିକ ଓ ୱେବ ଗଣମାଧ୍ୟର ପ୍ରତିନିଧିମାନେ ନିର୍ଦ୍ଧାରିତ ପ୍ରୋଫର୍ମାରେ ଦିଆଯାଇଥିବା ସମସ୍ତ ତଥ୍ୟ ଉପଯୁକ୍ତଭାବେ ପୂରଣ କରି ଏବଂ ତହିଁରେ ଆବଶ୍ୟକ ସମସ୍ତ କାଗଜାଦ ସଂଲଗ୍ନ କରି ନିର୍ଦ୍ଧାରିତ ସମୟ ଜୁନ ୮ତାରିଖ ସୁଦ୍ଧା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, କେନ୍ଦ୍ରାପଡାରେ ଦାଖଲ କଲେ ତାହା ପରବର୍ତ୍ତି ପଦକ୍ଷେପ ନିମିତ୍ତ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ପ୍ରେରଣ କରାଯିବ । ତେଣୁ ସମସ୍ତ ଗଣମାଧ୍ୟମ ପ୍ରତିନିଧି ବନ୍ଧୁମାନେ ଏଦିଗରେ ଯତ୍ନବାନ ହେବା ସହିତ ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କର ଦରଖାସ୍ତ ଦାଖଲ କରି ଶୃଙ୍ଖଳିତ ଓ ବ୍ୟବସ୍ଥିତଭାବେ ଉକ୍ତ କାର୍ଯ୍ୟ ସମ୍ପାଦନ ପାଇଁ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ସହଯୋଗ କରିବା ଆବଶ୍ୟକ । ସୂଚନା ଯୋଗ୍ୟ ଯେ ୨୦୨୦-୨୧ ମସିହା ପାଇଁ ଏହି ଯୋଜନାରେ ସାମିଲ ହୋଇଥିବା ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ୨୦୨୧-୨୨ମସିହା ପାଇଁ ପୁନଶ୍ଚ ଆବେଦନ କରିବାର ଆବଶ୍ୟକତା ରହିଛି । ଏତଦ୍ ବ୍ୟତୀତ ୨୦୨୦-୨୧ ମସିହାରେ ଯେଉଁମାନେ ଆବେଦନ କରିପାରି ନାହାଁନ୍ତି ସେମାନେ ମଧ୍ୟ ଆବେଦନ କରିପାରିବେ ।

# ମାଲକାନଗିରି ଜିଲ୍ଲାରେ ୯୨ ଜଣ ସଂକ୍ରମିତ ଚିହ୍ନଟ, ଆକ୍ରାନ୍ତ ଙ୍କ ସଂଖ୍ୟା ୮ ୦୦୧ କୁ ବୃଦ୍ଧି

ମାଲକାନଗିରି : ମାଲକାନଗିରି ଜିଲାରେ ଆଜି ପୁଣି ୯ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।ଏଥିସହ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୮ ୦୦୧ ରେ ପହଂଚିଛି।ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୭ ୦୩ ୮ ଜଣ ଆରୋଗ୍ୟ ଲାଭ କଲେଣି।ଜିଲ୍ଲାରେ ଏବେ ସକ୍ରିୟ ମାମଲା ୯୩୪ ଥିବାବେଳେ ମୃତ୍ୟ ସଂଖ୍ୟା ୨ ୯ ରହିଛି।ଆଜି ଚିହ୍ନଟ ସଂକ୍ରମିତ ମାନଙ୍କ ଭିତରୁ ଗୁରୁତର ଙ୍କୁ କୋଭିଡ ମେଡିକାଲକୁ ନିଆଯାଇଛି।ସାମାନ୍ୟ ଆକ୍ରାନ୍ତ ମାନେ ଗୃହ ସଂଗରୋଧରେ ରହି ଚିକିତ୍ସା ହେଉଛନ୍ତି।ମାଲକାନଗିରି ପୌରାଂଚଳ ର ଚିଦାନଦ ସାହି, ଜଗନ୍ନାଥ ମନ୍ଦିର ସାହି , ଲାଠିଆଗୁଡା, ଏମଭି ୨, ବାଲିମେଳା ଛକ, ଡ଼ି ଏନ କେ ଛକ, କୁମୁଟିଗୁଡା,ପୁରୁଣା ପୋଷ୍ଟ ଅଫିସ ଲାଇନ, ଜିଲ୍ଲା ଆରକ୍ଷୀ କାର୍ଯ୍ୟାଳୟ ପରିସର, ଏସ ବି ଆଇ ମୁଖ୍ୟ ଶାଖା ପରିସର ଓ ଆର ଡ଼ି କଲୋନୀ ରୁ ୧ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।ସେହିପରି ମାଲକାନଗିରି ବ୍ଲକର ପାଣ୍ଡ୍ରିପାଣି, ପଦ୍ମଗିରି, ତଣ୍ଡାପାଲି, ସେରପାଲି, ମାର୍କାପାଲି ଓ ସିନ୍ଦ୍ରିମାଳ ପଂଚାୟତରୁ ରୁ ୧ ୨ ଜଣ।କୋରୁକୋଣ୍ଡା ବ୍ଲକର ନୀଳାକାମେ୍ବରୁ, କୋରୁକୋଣ୍ଡା, ଡୁଡାମେଟା, ସୋମନାଥପୁର, ତୁମଶାପାଲି, ପୁରୁଣା ଚ୍ରିମଟାପାଲି ଓ ପୋଟରେଲ ପଂଚାୟତରୁ ୧ ୨ ଜଣ।ମାଥିଲି ବ୍ଲକର ମାଥିଲି, ଧୁଙ୍ଗିଆପୁଟ, ମାଥିଲି , ଭେଜାଗୁଡା, ଅମ୍ବାଗୁଡା, କିଆଙ୍ଗ, ସାଲିମି, ଓ କୁଟୁଣୀପାଲି ପଂଚାୟତରୁ ୧ ୫ ଜଣ।ଖଇରପୁଟ ବ୍ଲକର, ବଡ଼ ଡୁରାଲ, କଦମଗୁଡ,ରାସବେଡା,ମୁଦୁଲିପଡ଼ା ଓ ଖଇରପୁଟ ପ ଂଚାୟତରୁ ୧ ୧ ଜଣ।କାଳିମେଳା ବ୍ଲକର ବଦଲି ,କାଳିମେଳା , ବଡିଗଟା, ଚିତ୍ରାଙ୍ଗପାଲି, ଗମ୍ପାକୋଣ୍ଡା, ନାଲାଗୁଣ୍ଟି, ଟିଗଲ ଓ ଲୁଗେଲ ପଂଚାୟତରୁ ୧୪ ଜଣ।ପଡିଆ ବ୍ଲକର ବାପନପାଲି,ପଡିଆ, ଗିରକାନପାଲି, ଓ ଶିମିଳିବାଞ୍ଚା ପଂଚାୟତ ରୁ ୧ ୨ ଜଣ । ଚିତ୍ରକୋଣ୍ଡା ବ୍ଲକର ନୂଆଗୁଡା ପଂଚାୟତରୁ ଜଣେ ଏବଂ ବାଲିମେଳା ବିଜ୍ଞାପିତ ଅଂଚଳର ୱାର୍ଡ ନମ୍ବର ୯ ଓ ୱାର୍ଡ ନମ୍ବର ୨ ରୁ ୨ ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ଭିତରେ ଜଣେ କରୋନା ଯୋଦ୍ଧା ଅଛନ୍ତି। ଚିହ୍ନଟ ମାନେ କ୍ଲିନିକା ଲ ରେଫର ପରେ କରୋନାରେ ଆକ୍ରାନ୍ତ ଥିବା ଜଣାପଡିଥିଲା।

# ସାମସଙ୍ଗର ନୂଆ "ବ୍ୟାକ ଟୁ ବିଜ୍‌ନେସ୍ ସଲ୍ୟୁସନ"

ଭୁବନେଶ୍ୱର: ସାମସଙ୍ଗ ପକ୍ଷରୁ ରିଟେଲ ଓ କମର୍ସିଆଲ ସଂସ୍ଥାଗୁଡ଼ିକ ପାଇଁ "ବ୍ୟାକ୍ ଟୁ ବିଜନେସ" ସଲ୍ୟୁସନର ଶୁଭାରମ୍ଭ କରାଯାଇଛି । ଏହି ନୂତନ ସମାଧାନରେ ଆଉଟଡୋର ଡିସପ୍ଲେ ଓ ଭିଡିଓ କନଫରେନ୍ସିଙ୍ଗ ସମାଧାନ ଅନ୍ତର୍ଭୁକ୍ତ, ଯାହା ସାହାଯ୍ୟରେ ବ୍ୟବସାୟୀମାନେ ନିଜର ସ୍ୱାଭାବିକ କାର୍ଯ୍ୟକୁ ପୁଣିଥରେ ସୁରକ୍ଷିତ ଭାବରେ ଆରମ୍ଭ କରିପାରିବେ । ଏହା ସହିତ ସୁରକ୍ଷାତ୍ମକ ପଦକ୍ଷେପ ଗ୍ରହଣ କରାଯିବା ସହିତ କାର୍ଯ୍ୟ ସ୍ଥଳରେ ଦୂରରେ ବସି କାର୍ଯ୍ୟ କରିବା ଆବଶ୍ୟକତାକୁ ପୂରଣ କରାଯାଇପାରିବ । ଏହି ନୂତନ ରେଂଜର ଆଉଟଡୋର ଡିସପ୍ଲେ ଓ ସାଇନେଜ ବୋର୍ଡକୁ ବ୍ୟବସାୟୀଙ୍କ ଦ୍ୱାରା ବ୍ୟବହାର କରାଯାଇପାରିବ । ଏହା ସହାୟତାରେ ଜନଗହଳି ଅନୁଧ୍ୟାନ, ଶରୀର ତାପମାତ୍ରା ଯାଂଚ ଓ ମାସ୍କ ଚିହ୍ନଟ ତଥା ସେହି ଦିନର ଅଫରକୁ ଓ କର୍ପୋରେଟ ମେସେଜକୁ ଉପସ୍ଥାପିତ କରାଯାଇପାରିବ । ଏହା ସାମାଜିକ ଦୂରତାର ସମସ୍ତ ନିୟମଗୁଡ଼ିକୁ ପାଳନ କରାଯାଉଛି ନା ନାହିଁ ତାହା ସୁନିଶ୍ଚିତ କରିଥାଏ । ବାଧାହୀନ ଅନ୍‌ଲାଇନ ବାର୍ତ୍ତାଳାପ ଓ ଯେକୌଣସି ସ୍ଥାନରୁ ଦକ୍ଷତା ଓ ସହଜରେ କାର୍ଯ୍ୟ କରିବାକୁ ସୁନିଶ୍ଚିତ କରିବା ଲାଗି ମିଟିଙ୍ଗ ରୁମ ଏବଂ ଭିଡିଓ କନଫରେନ୍ସିଙ୍ଗ ସମାଧାନ ଯୋଗାଇଦେବା ପାଇଁ ସାମସଙ୍ଗ, ସିସ୍କୋ



ୱେବେକ୍ସ ଓ ଲଜିଟେକ୍ ସହିତ ହାତ ମିଳାଇଛି । ଏହା ସାହାଯ୍ୟରେ ଦୂରରେ ବସି କାମ କରିବାର ଆବଶ୍ୟକତାକୁ ଦେଖି ସାମସଙ୍ଗର ବେଜୋଡ଼ ଭିଜୁଆଲ ଡିସପ୍ଲେ ଏବଂ ଉନ୍ନତ ଭିଡିଓ କନଫରେନ୍ସିଙ୍ଗ କୁ ଏକତ୍ର ଅଣାଯାଇଛି । ଏହି ସହବନ୍ଧିତା ସିସ୍କୋ ୱେବେକ୍ସ ଏବଂ ଲଜିଟେକ୍ ଦ୍ୱାରା ପ୍ରସ୍ତୁତ ଭିଡିଓ କନଫରେନ୍ସିଙ୍ଗ ସମାଧାନଗୁଡ଼ିକର ବିସ୍ତୃତ ରେଂଜ ସହିତ ଡିଜିଟାଲ ସାଇନ୍‌ଏଜ୍ ଏବଂ ଡେସ୍କଟପ୍ ମନିଟର ସମେତ ଶିଳ୍ପର ସବୁଠାରୁ ବ୍ୟାପକ ଡିସପ୍ଲେ ଶୃଙ୍ଖଳକୁ ଏକତ୍ର ନେଇଆସିଛି । ସାମସଙ୍ଗର ୨୦୨୦ ଡିସପ୍ଲେ ଶୃଙ୍ଖଳର ସମ୍ପୂର୍ଣ୍ଣ ରେଞ୍ଜରେ ଏହି ସମାଧାନଗୁଡ଼ିକ ବ୍ୟବହାର କରାଯାଇପାରିବ । "ବର୍ତ୍ତମାନ ସମୟରେ ପରିବର୍ତ୍ତିତ ବ୍ୟବସାୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମର ନୂତନ ସମାଧାନକୁ ଏଭଳି ଭାବରେ ଡିଜାଇନ କରାଯାଇଛି ଯାହା ଉତ୍ପାଦକତା ବୃଦ୍ଧି କରିବ, ସହଯୋଗ ବୃଦ୍ଧି କରିବା ସହିତ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକୁ ସେମାନଙ୍କ ଗ୍ରାହକଙ୍କ ସହିତ ଉପଯୁକ୍ତ ସତର୍କତା ସହିତ ସଂଯୁକ୍ତ ହୋଇପାରିବୋ" ବୋଲି ସାମସଙ୍ଗ ଇଣ୍ଡିଆର କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଏଂଟରପ୍ରାଇଜ ବିଜନେସର ଉପାଧ୍ୟକ୍ଷ ଶ୍ରୀ ପୁନିତ ସେଠ କହିଛନ୍ତି ।




## ମାର୍କସିଟ୍ ପ୍ରଦାନରେ ଚଂଚକତା ଶିକ୍ଷାଧିକାରୀଙ୍କ ତାଗଦା

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ପୌରାଂଚଳରେ ଥିବା କେତେକ ଘରୋଇ ସ୍କୁଲର ମେଟ୍ରିକ୍ ପରୀକ୍ଷା ଫଳ ପ୍ରକାଶନ ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନବମ ଓ ଦଶମ ଶ୍ରେଣୀ ଟେଷ୍ଟ ପରୀକ୍ଷାର ନମ୍ବର ପଠାଇବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇ ଥିଲା । କରୋନା ସଂକ୍ରମଣ ପାଇଁ ଦଶମ ପରୀକ୍ଷାର ଫଳ ନବମ ପରୀକ୍ଷା ଫଳ ଓ ଦଶମ ଟେଷ୍ଟ ପରୀକ୍ଷା ଫଳ ଆଧାରରେ ନିର୍ଦ୍ଧାରଣ କିରାଯିବ ବୋଲି ଶିକ୍ଷା ବିଭାଗ ସ୍କୁଲ ଗୁଡିକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ପୌରାଂଚଳର ୩ଗୋଟି ଘରୋଇ ସ୍କୁଲ ଛାତ୍ରଛାତ୍ରୀଙ୍କର ନମ୍ବର (ମାର୍କସିଟ୍) ପ୍ରଦାନରେ ଚଂଚକତା କରି ଶିକ୍ଷା ବିଭାଗକୁ ରିପୋର୍ଟ ପ୍ରଦାନ କରିଥିଲେ । ଯାଂଚ କମିଟିକୁ ସନ୍ଦେହ ହେବାରୁ ଛାତ୍ରଛାତ୍ରୀ ମାନଙ୍କର ନବମ ଶ୍ରେଣୀର ପରୀକ୍ଷା ଖାତା ଓ ଦଶମ ଶ୍ରେଣୀର ଟେଷ୍ଟ ଖାତା ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ୩ଟି ସ୍କୁଲ ପକ୍ଷରୁ ଖାତା ଦାଖଲ ହେବା ପରେ କମିଟି ତାହା ଯାଂଚ କରିଥିଲା । ଛାତ୍ରଛାତ୍ରୀଙ୍କର ନମ୍ବର କେତେକ ଯାଗାରେ ଭୁଲ ମିଳିବାରୁ ଜିଲ୍ଲା ଶିକ୍ଷାଧିକାରୀ ଏହି ୩ଗୋଟି ସ୍କୁଲକୁ ନମ୍ବର ସଂଶୋଧନ କରି ପଠାଇବା ପାଇଁ ନିର୍ଦ୍ଦେଶ ଦେବା ସହ ନମ୍ବର ପ୍ରଦାନରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ତାଗଦା କରିଥିଲେ ।

## ଓଲଟିଲା ଚିଙ୍ଗୁଡ଼ି ବୋଝେଇ ପିକ୍ଅପ୍

ବାଲେଶ୍ୱର:୬୦ ନମ୍ବର ଜାତୀୟ ରାଜପଥର ଗାୟତ୍ରୀ ପେଟ୍ରୋଲ ପମ୍ପ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଏକ ଚିଙ୍ଗୁଡ଼ି ବୋଝେଇ ପିକ୍ଅପ୍ ଓଲଟି ପଡ଼ିଥିଲା । ସମସ୍ତ ଚିଙ୍ଗୁଡ଼ି ମାଛ ରାସ୍ତାରେ ଢାଳି ଯାଇଥିଲା। ସ୍ଥାନୀୟ କିଛି ଲୋକ ଆସି ଡ୍ରାଇଭର ଓ ହେଲପରକୁ ଉଦ୍ଧାର କରିଥିବା ବେଳେ ଆଉ କିଛି ଲୋକ ମାଛ ବହି ନେଉଥିବାର ଦେଖିବାକୁ ମିଳିଥିଲା। ଜଳେଶ୍ୱର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ କଷାଫଳ ଅଞ୍ଚଳର ଚିଙ୍ଗୁଡ଼ି ଫାର୍ମରୁ ଚିଙ୍ଗୁଡ଼ି ନେଇ ଏକ ପିକ୍ଅପ୍ ଦ୍ରୁତ ଗତିରେ କଲିକତା ଅଭିମୁଖେ ଯାଉଥିଲା। ତେବେ ଜଳେଶ୍ୱର ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥ ଗାୟତ୍ରୀ ପେଟ୍ରୋଲ ପମ୍ପ ନିକଟରେ ବାମ ଚକଟି ଖାଲରେ ପଡ଼ି ଯାଇଥିଲା। ଫଳରେ ଚକଟି ଗାଡ଼ିରୁ ଅଲଗା ହୋଇଯାଇଥିଲା। ଗାଡ଼ିଟି ଭାରସାମ୍ୟ ହରାଇ ପେଟ୍ରୋଲ ପମ୍ପର ପାଚେରୀରେ ଧକ୍କା ହୋଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ମାତ୍ର ଡ୍ରାଇଭର ଓ ହେଲପର ଅଳପକେ ରକ୍ଷା ପାଇଯାଇଥିଲେ।

## କେନ୍ଦୁଝରରେ ଖସୁଛି କରୋନା ଗ୍ରାଫ : ୨୪ ଘଂଟାରେ ଟେଷ୍ଟ ୧୨୨୦ ଓ ପଜିଟିଭ ୫୭ : ଆକ୍ଟିଭ ସଂଖ୍ୟା ୮୪୫

କେନ୍ଦୁଝର: କେନ୍ଦୁଝର ଜିଲ୍ଲାରେ କରୋନା ଗ୍ରାଫ ଖସୁଥିବା ଭଳି ପ୍ରତୀୟମାନ ହେଉଥିବା କୁହାଯାଉଅଛି । ଜିଲ୍ଲାରେ ଗତ ୨୪ ଘଂଟା ମଧ୍ୟରେ ୧୨୨୦ ଜଣଙ୍କର କୋଭିଡ ଟେଷ୍ଟ ହୋଇଥିବା ବେଳେ ୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଚମ୍ପୁଆ ବ୍ଲକରେ ୧୩ ଜଣ ଚିହ୍ନଟ ହୋଇଥିବା ବେଳେ ତେଲକୋଇ ବ୍ଲକ ଅଂଚଳରେ ୧୩ ଜଣ , ଆନନ୍ଦପୁର ବ୍ଲକରେ ୮ ଜଣ , ହାଟଡିହି ଓ ଆନନ୍ଦପୁର ମ୍ୟୁନିସପାଲଟି ଅଂଚଳରେ ୪ ଜଣ ଲେଖାଁଏ , ଯୋଡା ବ୍ଲକ ଓ ବଡବିଲ ମ୍ୟୁନିସପାଲଟି ଅଂଚଳରେ ୩ ଜଣ ଲେଖାଁଏ , ପଟଣା ବ୍ଲକ , କେନ୍ଦୁଝର ଗଡ ମ୍ୟୁନିସପାଲଟି , ହରିଚନ୍ଦନପୁର ବ୍ଲକ , ଘଟଗାଁ ବ୍ଲକ ଅଂଚଳରେ ୨ ଜଣ ଲେଖାଏ , ଚମ୍ପୁଆ ବ୍ଲକ , ଝୁମ୍ପୁରା ବ୍ଲକ ଓ ଯୋଡା ମ୍ୟୁନିସପାଲଟି ଅଂଚଳରେ ୧ ଜଣ ଲେଖାଁଏ ରହିଛନ୍ତି । ଏ ସଂପର୍କରେ ମିଳିଥିବା ସବିଶେଷ ତଥ୍ୟାନୁଶାରେ ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକର ଧକୋଟା, କାଠକଟା , ତରତରା ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ବଂାଉଁଶଗଡ ପଂଚାୟତ ଅଂଚଳରେ ୨ ଜଣ , ହରିଡାପାଳ ପଂଚାୟତରେ ୩ ଜଣ , ଆନନ୍ଦପୁର ମ୍ୟୁନିସପାଲଟିର ୱାର୍ଡ ନଂ ୭ ଓ ୱାର୍ଡ ନଂ ୧୪ ରେ ୧ ଜଣ ଲେଖାଁଏ , ଓ ୱାର୍ଡ ନଂ ୧୬ ରେ ୨ ଜଣ, ବଡବିଲ ମ୍ୟୁନିସପାଲଟିର ୱାର୍ଡ ନଂ ୧୪ ରେ ୩ ଜଣ , ଚମ୍ପୁଆ ବ୍ଲକର କାଶିପାଳ ପଂଚାୟତରେ ୧ ଜଣ, ଘଷିପୁରା ବ୍ଲକର ଭଣ୍ଡାରୀପୋଖରୀ ପଂଚାୟତ ଅଂଚଳରେ ୧ ଜଣ , ବୀରଗୋବିନ୍ଦପୁର ଓ ତରୁଆଁ ପଂଚାୟତ ଅଂଚଳରେ ୩ ଜଣ ଲେଖାଁଏ , ମଦନପୁର ଅଂଚଳରେ ୨ ଜଣ , ରାମଚନ୍ଦ୍ରପୁର ପଂଚାୟତ ଅଂଚଳରେ ୪ ଜଣ , ଘଟଗାଁ ବ୍ଲକର ବାରାଟିପୁରା ଓ ଡେଙ୍କିକୋଟ ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ହରିଚନ୍ଦନପୁର ବ୍ଲକର ପିଠାଗୋଳା ଓ ରଶୋଲ ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ହାଟଡିହି ବ୍ଲକର ଆମ୍ବୋ , ଅଂରା , ବଂଚୋ ଓ ସୁଳଣା ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ଝୁମ୍ପୁରା ବ୍ଲକର ଅର୍ଶଳା ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ଯୋଡା ବ୍ଲକର ଦେଓଝର , ପଳାଶ ଓ ସେରେଣ୍ଡା ଅଂଚଳରେ ୧ ଜଣ ଲେଖାଁଏ , ଯୋଡା ମ୍ୟୁନିସପାଲଟିର ୱାର୍ଡ ନଂ ୮ ରେ ୧ ଜଣ , କେଉଁଝର ଗଡ ମ୍ୟୁନିସପାଲଟି ର ୱାର୍ଡ ନଂ ୬ ଓ ୱାର୍ଡ ନଂ ୧୭ ରେ ୧ ଜଣ ଲେଖାଁଏ , ପାଟଣା ବ୍ଲକର ବାଉଁଶୁଳୀ ଓ ଡୁରୁମୁଙ୍ଗା ପଂଚାୟତ ଅଂଚଳରେ ୧ ଜଣ ଲେଖାଂଏ , କେଉଁଝର ସଦର ବ୍ଲକର ଡିମ୍ବୋ ପଂଚାୟତ ଅଂଚଳରେ ୧ ଜଣ , ତେଲକୋଇ ବ୍ଲକର ଭିମକୁଣ୍ଡ , ଛାମୁଣ୍ଡା , ତେଲକୋଇ ପଂଚାୟତରେ ୧ ଜଣ ଲେଖାଁଏ , ସଲେଇକେନା ପଂଚାୟତ ଅଂଚଳରେ ୨ ଜଣ , ଓ ଖୁଂଟାପଡା ପଂଚାୟତ ଅଂଚଳରେ ୫ ଜଣ ରହିଛନ୍ତି । ଫଳରେ ଜିଲ୍ଲାରେ ଅଦ୍ୟବଧି ସର୍ବମୋଟ କରୋନା ପଜିଟିଭ ସଂଖ୍ୟା ୧୫୫୫୩ ରେ ପହଂଚିଥିବା ବେଳେ ଇତି ମଧ୍ୟରେ ୧୪୬୫୩ ଜଣ ସୁସ୍ଥହୋଇ ଘରକୁ ଫେରିଛନ୍ତି ଏବଂ ଜିଲ୍ଲାରେ ଅକ୍ଟିଭ କେଶ ୮୪୫ କୁ ଖସିଛି । ଏବଂ କୋଭିଡ ମୃତ୍ୟୁ ୫୫ ରେ ରହିଥିବା ବେଳେ ଏହି ସଂଖ୍ୟାକୁ ନେଇ ଏବେ ବି ବିବାଦ ରହିଛି ।

## କେଲୁଅ ନଦୀରୁ ଅଜଣା ବ୍ୟକ୍ତିର ମୃତ ଦେହ ଉଦ୍ଧାର, କାରଣ ଅସ୍ପଷ୍ଟ

ଧର୍ମଶାଳା: କରୋନା କଟକଣା ଚାଲିଥିବା ବେଳେ ଅନ୍ୟପଟେ ନଦୀରେ ଶବ ଭାସିବା ଖବର ନେଇ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଧର୍ମଶାଳା ଥାନା ଅନ୍ତର୍ଗତ ଦେଓଦା ସ୍ୱାଇଁସାହି ଗ୍ରାମ ନିକଟରେ ପ୍ରଭାବିତ ହେଉଥିବା ବ୍ରାହ୍ମଣୀ ନଦୀର ଶାଖା ନଦୀ କେଲୁଅରେ । ଆଜି ସକାଳୁ ଜଣେ ଅଜଣା ବ୍ୟକ୍ତି ପାଣିରେ ମୁହଁ ମାଡି ହୋଇ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ । ତେବେ ଏହି ଖବର ପ୍ରଚରିତ ହେବା ପରେ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଖବର ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପଂହଚି ପାଣିରୁ ଶବକୁ ଉଦ୍ଧାର କରିଥିଲେ । ଏହି ଶବଟି ଜଣେ ପୁରୁଷର ହୋଇଥିବା ବେଳେ ,ଶବଟି ସପ୍ତାହ ପୂର୍ବରୁ ଏବଂ ଏହାର ବୟସ ୫୦ରୁ ଉର୍ଦ୍ଧ ହେବ ବୋଲି ଜଣାପଡିଛି । ସେ କେବଳ ଏକ ହାତ କଟା ଗଞ୍ଜି ପିନ୍ଧିଥିବା ଜଣାପଡିଛି । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମେନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇ ତଦନ୍ତ ଚଳାଇଥିବା ଜଣାପଡିଛି । ତେବେ ଏହି ଶବ କେଉଁଠୁ ଆସିଲା,କିପରି ମୃତ ହେଲା ନାଁ କେହି ହତ୍ୟା କରି ପିଙ୍ଗି ଦେଇଥିବା ବେଳେ ଅନେକ ଲୋକେ ଏହାକୁ କରୋନା ଜନିତ ମୃତ୍ୟୁ ହୋଇଥିବା ବେଳେ କେହି ନଦୀରେ ଫୋପାଡି ଦେଇଥିବା ଅନୁମାନ କରାଯାଉଛି । ସୂଚନା ଥାଉକି ଗତ କାଲି ବିଳମ୍ବିତ ରାତିରେ ଏହି ସ୍ୱାଇଁସାହି ଗ୍ରାମର କିଛି ଲୋକେ ନଦୀକୁ ନିତ୍ୟକର୍ମ ସାରିବାକୁ ଯାଇଥିଲେ । ପାଣିରେ ଏକ ଭସୁଥିବା ଦେଖିବାକୁ ପାଇଥିଲେ । ରାତି ହୋଇଥିବାରୁ ଏହାକୁ ଦେଖିବା ସମ୍ଭବ ହୋଇନଥିଲା । ତେବେ ଆଜି ପାହାନ୍ତାରେ ଗାଁ ନଦୀ ତୁଠରେ ମୁହଁ ମାଡି ହୋଇ ଶବଟି କୂଳରେ ଲାଗିଥିବା ଦେଖିବାକୁ ମିଳିଥିଲା । ଫଳରେ ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ଆଜି ଅପରାହ୍ନରେ ପୋଲିସ ପଂହଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠା ଦେଇ ତଦନ୍ତ ଚଳାଇଥିବା ଜଣାପଡିଛି । ଶବ ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ ସୂଚନା ଦେଇଛନ୍ତି ।

## ମୋ ପରିବାର ତରଫରୁ ୪୯ ୟୁନିଟ୍ ରକ୍ତ ସଂଗ୍ରହ

କେନ୍ଦ୍ରାପଡ଼ା : ମହାମାରୀ କରୋନାର ଭୟାବହ ପରିସ୍ଥିତ ସତ୍ତ୍ୱେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ସହର ମଧ୍ୟରେ ୮ଦିନ ବ୍ୟାପି ହେବାକୁ ଥିବା ରକ୍ତଦାନ ଶିବିର ଚତୁର୍ଥ ଦିବସରେ କେନ୍ଦ୍ରାପଡା ବଳଦେବଜୀୟୁଙ୍କ ରଥଦାଣ୍ଡ ଶ୍ୟାମାକାଳୀ ମଣ୍ଡପରେ ଆୟୋଜନ କରାଯାଇଥିଲା । ବିଧାୟକ ଶଶିଭୂଷଣ ବେହେରାଙ୍କ ଭିଜୁଆଲ ମାଧ୍ୟମରେ ଉପସ୍ଥିତ ରହି ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ଇଛାପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜକିଶୋର ସାହୁ ଆନୁଷ୍ଠାନକ ଭାବେ ଏହି ଶିବିରକୁ ଉଦ୍ଘାଟନ କରିଥିଲେ । ଏହି ରକ୍ତଦାନ ଶିବିରରେ ୪୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି ।

## ଖବର ପ୍ରକାଶ କରିବାରୁ ୱେବ୍ ମିଡିଆର ପ୍ରତିନିଧିଙ୍କୁ ମରଣାତ୍ମକ ଆକ୍ରମଣ

କନ୍ଧମାଳ : କନ୍ଧମାଳ ଜିଲ୍ଲା ଚକାପାଦ ଅଂଚଳର ଜଣେ ୱେବ୍ ମିଡିଆର ବ୍ଲକ ପ୍ରତିନିଧିଙ୍କ ଉପରେ ମରଣାତ୍ମକ ଆକ୍ରମଣ ହୋଇଛି । ଏଥିରେ କେବଳ ସାମ୍ବାଦିକଙ୍କୁ ନୁହେଁ ତାଙ୍କର ପରିବାର ଲୋକ ମଧ୍ୟ ଆକ୍ରମଣର ଶୀକାର ହୋଇଛନ୍ତି । ତାଙ୍କର ନାବାଳକ ପୁଅ ମଧ୍ୟ ଏହି ଆକ୍ରମଣର ଶୀକାର ହୋଇଛନ୍ତି । ଏହି ସଂକ୍ରନ୍ତରେ ଆକ୍ରମଣର ଶୀକାର ହୋଇଥିବା ସାମ୍ବାଦିକ ଦୀପକ ହଂସ ଚକାପାଦ ଥାନାରେ ଏତଲା ମଧ୍ୟ ଦେଇଛନ୍ତି । ତେବେ ଏହି ସଂକ୍ରନ୍ତରେ ଏକ ମାମଲା ୩୫/୨୧ ଦଫା ୪୪୭,୨୯.୩୪୧,୩୨.୧୦୯ ଓ ୩୪ ଆଇନ ଅନୁସାରେ ଚକାପାଦ ଥାନା ଅଧିକାରୀ ଅମ୍ବିକାପ୍ରସାଦ ପଟ୍ଟନାୟକ ରୁଜ୍ଜୁ କରିବା ସହିତ ଘଟଣାର ତଦନ୍ତ କରୁଥିବା ଜଣାଇଛନ୍ତି । ତେବେ ସୂଚନା ଯୋଗ୍ୟ କି ଚକାପାଦ ପଂଚାୟତର କୁମ୍ଭାରସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରପ୍ତ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର କହଁର ତାଙ୍କ ବିଦ୍ୟାଳୟର ଛାତ୍ର ମାନଙ୍କୁ କରାଯାଉଥିବା ମଧ୍ୟାନ୍ନ ଭୋଜନ ପାଇଁ ଉଦିଷ୍ଟ ଟଙ୍କା କୋଭିଡ ଯୋଗୁଁ ଜାରି କରାଯାଇଥିବା ଲକଡାଉନ କାରଣରୁ ସେମାନଙ୍କର ବ୍ୟାଙ୍କ ଜମାଖାତାରେ ଜମା କରିବା ବଦଳରେ ସେହି ଟଙ୍କାକୁ ଉଠାଣ କରି ପିଲାମାନଙ୍କୁ ସେମାନଙ୍କ ପ୍ରାପ୍ୟ ରାଶିରୁ ଶହେରୁ ଦୁଇଶହ ଟଙ୍କା ଲେଖାଏଁ କମ କରି ପ୍ରଦାନ କରିଥିଲେ । ଏହା ଲୋକ ଲୋଚନକୁ ଆସିବାପରେ ଏବଂ ପିଲାଙ୍କ ଅଭିଭାବକଙ୍କ ଅଭିଯୋଗ ଅନୁସାରେ ଏକ ୱେବ୍ ମିଡିଆର ଚକାପାଦ ବ୍ଲକ ପ୍ରତିନିଧି ଦୀପକ କୁମାର ହଂସ ଗତ ୨୧ ତାରିଖରେ ଏହାକୁ ତାଙ୍କ ଗଣମାଧ୍ୟମରେ ପ୍ରକାଶ କରିଥିଲେ । ଏହାକୁ ଦେଖିବାପରେ ପ୍ରଧାନ ଶିକ୍ଷକ କିଶୋର କହଁର ତା ପରଦିନ ପୁଣି ଘରକୁଘର ବୁଲି ପିଲାଙ୍କୁ ସେମାନଙ୍କର ବଳକା ଟଙ୍କା ପ୍ରଦାନ କରିବା ସହିତ ଏକ ଖବରକାଗଜରେ ଏହାକୁ ପ୍ରକାଶିତ କରାଇ ଥିଲେ । ଗତ ୨୭ ତାରିଖରେ ଦୀପକ ହଂସ ତାଙ୍କର ପସରା ସ୍ଥିତ ସରକାରୀ ଘରେ ଥିବାବେଳେ ସଂନ୍ଧ୍ୟା ସମୟରେ ପ୍ରଧାନ ଶିକ୍ଷକ ତାଙ୍କର ପୁତୁରା ଏବଂ ଅନ୍ୟ କିଛି ଲୋକଙ୍କୁ ପଠାଇ ତାଙ୍କୁ ମରଣାତ୍ମକ ଆକ୍ରମଣ କରାଇଥିଲେ ଏପରିକି ଏହି ଆକ୍ରମଣର ଶୀକାର ଦୀପକଙ୍କ ପତ୍ନୀ ବିଦ୍ୟୁତ୍ଲତା ନାୟକ (ଜଣେ ସ୍ୱାସ୍ଥ୍ୟ କର୍ମୀ) ଏବଂ ଆଠ ବର୍ଷର ଛୋଟ ପୁଅ ମଧ୍ୟ ହୋଇଥିଲା । ତେବେ ଘଟଣାକୁ ଦୁଇ ଦିନ ବିତିଥିଲେ ମଧ୍ୟ ପୋଲିସ ଏହି ଘଟଣାରେ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିନାହିଁ ବୋଲି କହିଛନ୍ତି ଦୀପକ । ତେବେ ପିଲାଙ୍କ ମଧ୍ୟାନ୍ନ ଭୋଜନ ଟଙ୍କାକୁ ଆତ୍ମସାତ କରିବା ପ୍ରଚେଷ୍ଟା ବିଫଳ ହେବାରୁ ପ୍ରଧାନ ଶିକ୍ଷକ କିଶୋର କହଁର ଏହିଭଳି ଚକ୍ରାନ୍ତ ଚରିଛନ୍ତି ବୋଲି କହିଛନ୍ତି ଦୀପକ ।

## ନିରବଚ୍ଛିନ୍ନ ଅମ୍ଳଜାନ ଯୋଗାଣରେ ଆଦାନୀ ଫାଉଣ୍ଡେସନର ପ୍ରମୁଖ ଭୂମିକା

ଭଦ୍ରକ : କୋଭିଡ୍ ମହାମାରୀ ବିରୋଧରେ ସମଗ୍ର ବିଶ୍ୱ ଏବେ ବି ଲଢେଇ ଜାରି ରଖିଛି । ଭାରତରେ ସ୍ଥିତି ଅଧିକ ଜଟିଳ ଥିବା ବେଳେ ଅମ୍ଳଜାନ ଅଭାବ ଏବେ ସମସ୍ୟା ସୃଷ୍ଟି କରିଛି । ମହାମାରୀ ବିରୋଧରେ ଲଢେଇରେ ସରକାରଙ୍କୁ ସମର୍ଥନ କରିବା ପାଇଁ ଆଦାନୀ ଗ୍ରୁପର ସିଏସ୍ଆର୍ ୱିଙ୍ଗ, ଆଦାନୀ ଫାଉଣ୍ଡେସନ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି । ଭଦ୍ରକ ଜିଲାରେ କୋଭିଡ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଗୁରୁତର ରୋଗୀଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ । ଗୁରୁତର ରୋଗୀଙ୍କ ପାଇଁ ଅମ୍ଳଜାନ ଜୀବନ ରକ୍ଷାକାରୀ ସାଜିଛି । ଏହି ପଦକ୍ଷେପଗୁଡ଼ିକର ଏକ ଅଂଶ ସ୍ୱରୂପ ଆଦାନୀ ଫାଉଣ୍ଡେସନ ପକ୍ଷରୁ ପ୍ରଶାସନକୁ ଜୀବନ ରକ୍ଷାକାରୀ ଚିକିତ୍ସା ଉପକରଣ ପ୍ରଦାନ କରାଯାଇଛି । ଏହି ଜୀବନ ରକ୍ଷାକାରୀ ଉପକରଣ ମଧ୍ୟରେ ୨୧୦ ମେଡିକାଲ ଗ୍ରେଡ ଅମ୍ଳଜାନ ସିଲିଣ୍ଡର, ୩୨ ଅମ୍ଳଜାନ କନସନ୍ଟ୍ରେଟର ଏବଂ ୫୦ ଫ୍ଲୋ ମିଟର ଆଦି ରହିଛି । ଧାମରା ପୋର୍ଟର ଉପସଭାପତି ଜଗତ ଇନ୍ଦୁ ପରିଜା ଏବଂ ଅନ୍ୟାନ୍ୟ ଅଫିସରଙ୍କ ଉପସ୍ଥିତିରେ ଭଦ୍ରକ ଜିଲାପାଳ ଡଃ ଜ୍ଞାନ ଦାସଙ୍କୁ ଏସବୁ ସାମଗ୍ରୀ ପ୍ରଦାନ କରାଯାଇଛି । କୋଭିଡ ରୋଗୀଙ୍କୁ ନିରବଚ୍ଛିନ୍ନ ଅମ୍ଳଜାନ ଯୋଗାଣ ନିମନ୍ତେ ରାଜ୍ୟ ସରକାରଙ୍କ ଉଦ୍ୟମକୁ ସୁଦୃଢ଼ କରିବା ପାଇଁ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଏହା ଏକ ପ୍ରୟାସ । ଆଦାନୀ ଫାଉଣ୍ଡେସନର ଏହି ଉଦାର ଏବଂ ସମୟାନୁବର୍ତୀ ପ୍ରୟାସ ନିମନ୍ତେ ଜିଲା ଅଧିକାରୀ ଓ ବୁଦ୍ଧିଜୀବୀ ପ୍ରଶଂସା କରିଥିଲେ । କୋଭିଡ ଆରମ୍ଭ ହେବାଠାରୁ ଏପର୍ଯ୍ୟନ୍ତ ବିଭିନ୍ନ ସମୟରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ସାନିଟାଇଜର ଓ ମାସ୍କ ବଂଟନ, ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ନିଶୁଳ୍କ ଔଷଧ ପ୍ରଦାନ ସହ ଅନେକ ପଦକ୍ଷେପ ନିଆଯାଇଛି ।

## ଜିଲ୍ଲାର ୬ଟି ବ୍ଲକରେ ୨୧ଟି ମାଇକ୍ରୋ କଣ୍ଟେନମେଣ୍ଟ ଜୋନ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା, ଡେରାବିଶ, ପଟ୍ଟାମୁଣ୍ଡାଇ, ମହାକାଳପଡା, ଆଳି ଓ ମାର୍ଶାଘାଇ ପ୍ରଭୃତି ୬ଟି ବ୍ଲକର ୧୩ ଗ୍ରାମ ପଂଚାୟତର ୧୩ଟି ଗାଁର ୨୧ଟି ୱାର୍ଡକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି । ସେଥି ମଧ୍ୟରୁ କେନ୍ଦ୍ରାପଡା ବ୍ଲକର ନିକିରାଇ ପଂଚାୟତ ର ୫, ୬, ୧୨, ୧୭, ୨୨ ନଂ ୱାର୍ଡ ଓ ଜମାଧର ପଂଚାୟତର ୬ନଂ ୱାର୍ଡ, ଇନ୍ଦୁପୁର ପଂଚାୟତର ୧, ୪, ୯, ୧୧, ୧୨ ନଂ ୱାର୍ଡ, ଡେରାବିଶ ବ୍ଲକର ଚାନ୍ଦୋଳ ପଂଚାୟତର ଭଣଗାଁ ଗ୍ରାମର ୯ ନଂ ୱାର୍ଡ, ପଟ୍ଟମୁଣ୍ଡାଇ ବ୍ଲକର ନରସିଂହପୁର ପଂଚାୟତର ଅଇନିପଡା ଗ୍ରାମର ୯ନଂ ୱାର୍ଡ, ସାନଜରିଆ ପଂଚାୟତ ସାନଜରିଆ ଗାଁର ୧୦ନଂ ୱାର୍ଡ ଗୁଡିକୁ ଚଳିତ ମାସ ୨୮ ତାରିଖରୁ ଜୁନ ୩ ତାରିଖ ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି ।

## ମାଫିଆଙ୍କ କବଳରେ ନେଲୁଙ୍ଗ ଜଙ୍ଗଲ ଓ ହୁଡି

କେନ୍ଦୁଝର(ପିଏନ): ସଂପ୍ରତି ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ୫/୬ କି.ମି. ଦୂରରେ ଅବସ୍ଥିତ ନେଲୁଙ୍ଗ ଗ୍ରାମ ପଥରହୁଡି ଏବଂ ସଂରକ୍ଷିତ ଜଙ୍ଗଲରୁ ଅହରହ ଟ୍ରାକ୍ଟର ଯୋଗେ ପଥର, ବାଲି, ମୋରମ ଇତ୍ୟାଦି ଚୋରି କରି ବାହାରେ ବିକ୍ରୀ ହେଉଛି । ଏହି ଲଘୁଖଣିଜ ସମ୍ପଦ ଚୋରି କରୁଥିବା ମାଫିଆ ମାନଙ୍କ ଦୌରାତ୍ମ୍ୟ ଦିନକୁ ଦିନ ଏତେ ପରିମାଣରେ ବଢି ଗଲାଣି ଯେ ଗ୍ରାମବାସୀ ତ୍ରାହି ତ୍ରାହି ଡାକିଲେଣି । ଗ୍ରାମ ଜଙ୍ଗଲରୁ ପଥର ଓ ମୋରମ ଇତ୍ୟାଦି କୋଟି କୋଟି ଟଙ୍କାର ସମ୍ପଦ ଦିନଦ୍ୱିପ୍ରହରେ ପ୍ରଶାସନ ଜାଣିବାରେ ଚୋରି ହେଉଛି । ପ୍ରତ୍ୟେକ ବର୍ଷ ପଥର ଖଣିରେ ଗୃହ ପାଳିତ ପଶୁମାନେ ପଡି ମୃତାହତ ହେଉଛନ୍ତି । ଗ୍ରାମ ରାସ୍ତାରେ ଅହରହ ଟ୍ରାକ୍ଟର ଚାଲିବା ଫଳରେ ଶବ୍ଦ ପ୍ରଦୂଷଣ ହେବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାର ଘୋର ବାଧାପ୍ରାପ୍ତ ହେଉଛି । ଗ୍ରାମବାସୀମାନେ ବହୁବାର ଜିଲ୍ଲା ପ୍ରଶାସନ ପାଖରେ



ଖଣିଜ ସମ୍ପଦ ଚୋରୀକୁ ରୋକିବାକୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବରଂ ଏହାଦ୍ୱାରା ଖଣିଜ ସମ୍ପଦ ଚୋରୀ କରୁଥିବା ମାଫିଆମାନେ ଦ୍ୱିଗୁଣିତ ବେଗରେ ଚୋରୀ କରୁଛନ୍ତି । ସେମାନେ ପ୍ରକାଶ୍ୟରେ କହୁଛନ୍ତି ଯେ ତହସିଲ ଅଫିସ୍ ଓ ଜଙ୍ଗଲ ବିଭାଗ ବାବୁ ମାନଙ୍କୁ ମାସିକ ହାତ ଚିକ୍କଣ ମିଳୁଛି । ଏଥିରେ ସେମାନଙ୍କ କେଶ ମଧ କେହି ଉପାଡି ପାରିବେ ନାହିଁ । ବ୍ୟାପକ ଲଘୁ ଖଣିଜ ଚୋରୀ ଯୋଗୁଁ ପରିବେଶ ତ ନଷ୍ଟ ହେଉଛି ସରକାର ମଧ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି । ଚୋରୀକୁ ପ୍ରତିବାଦ କଲେ ମାଫିଆମାନେ ପ୍ରତିବାଦକାରୀଙ୍କୁ ଜୀବନରେ ମାରିଦେବାକୁ ମଧ ଧମକ ଦେଉଛନ୍ତି । ଏ ସମ୍ବନ୍ଧରେ ସଦର ତହସିଲଦାରଙ୍କୁ ଆମ ପ୍ରତିନିଧି ଯୋଗାଯୋଗ କରିବାରୁ ତହସିଲଦାର ବାବୁ କହିଲେ ଯେ ଦୁଇମାସ ପୂର୍ବେ ୨ଟି ଟ୍ରାକ୍ଟରକୁ ଧରାଯାଇ ଜୋରିମାନା ଆଦାୟ ହୋଇଛି । ଯା ବ୍ୟତିରେକ ସେ ଅନ୍ୟ କିଛି କରିପାରିବେ ନାହିଁ । ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଶାସକଙ୍କୁ ସାହାଯ୍ୟ କରିବାକୁ ପ୍ରଶାସକ ନିଯୁକ୍ତି ହୋଇଥାନ୍ତି । ଯଦି ପ୍ରଶାସକ ଅସହାୟ ହୋଇପଡେ ଆଗାମୀ କାଲି ଦେଶରେ ଉତ୍ତରପ୍ରଦେଶ ପରି ବାହୁବଳୀ ସୃଷ୍ଟି ହୋଇ ସମଗ୍ର ଜନସାଧାରଣଙ୍କ ପାଇଁ ତଥା ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥାର କାରଣ ହେବ । ଏଣୁ ନେଡି ଗୁଡ କହୁଣିକୁ ବୋହି ଯିବା ପର୍ବରୁ ଏ ପ୍ରକାର ମାଫିଆ ମାନଙ୍କୁ କଠୋର ଦଣ୍ଡ ବିଧାନ କରିବାକୁ ଗ୍ରାମର ଦାମୋଦର ପଣ୍ଡା, କ୍ଷିରୋଦ ଚନ୍ଦ୍ର ରଣା, ଗଙ୍ଗାଧର ନାଏକ, ରବି ଦାସ, ରାହାସ ରଣା, ଧରଣୀ ପାତ୍ର, ଶ୍ରୀକାନ୍ତ ନାଏକ ପ୍ରମୁଖ ନିବେଦନ କରିଛନ୍ତି । ଚୋରୀ ରୋକା ନଗଲେ ଜିଲ୍ଲା ପ୍ରଶାସନ ପାଖରେ ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଜିଲ୍ଲାପାଳ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ଜନସାଧାରଣରେ ଦାବି ହୋଇଛି ।

## ଖାଉଟି କାର୍ଡ଼କୁ ନେଇ ଚଞ୍ଚକତା ଅଭିଯୋଗ

ବାଲେଶ୍ୱର : ସଦର ବ୍ଲକର ରସାଲପୁର ପଞ୍ଚାୟତ ଖାଉଟି କାର୍ଡ଼କୁ ନେଇ ବିବାଦ ସୃଷ୍ଟି ହୋଇଛି । ବଣ୍ଟନ ଦାୟିତ୍ୱରେ ଥିବା ନିର୍ଦ୍ଦିଷ୍ଟ ସଂଯସହାୟକ ଗୋଷ୍ଠୀ ନାମରେ ବିଭିନ୍ନ ସମୟରେ ଅଭିଯୋଗ ଆସୁଥିଲେ ମଧ୍ୟ ସଠିକ୍ ତଦନ୍ତ ହେଉନଥିବାରୁ ଏଭଳି ଘଟିଥିବା ଗ୍ରାମବାସୀ କହିଛନ୍ତି । ଉକ୍ତ ଗୋଷ୍ଠୀ ପରିଚାଳକ ଜଣେ ବୃଦ୍ଧାଙ୍କ କାର୍ଡ଼କୁ ଚଞ୍ଚକତା ପୂର୍ବକ ଅନ୍ୟକୁ ପ୍ରଦାନ କରିଥିବା ଅଭିଯୋଗ ହୋଇଛି । ସଦର ଏସଡ଼ିପିଓଙ୍କ ଦ୍ୱାରା ତଦନ୍ତ ହେବା ପରେ ଦୁଇଟି ମାମଲା ରୁଜୁ ହୋଇଛି । ରଘୁନାଥ ବେହେରାଙ୍କ ଅଭିଯୋଗ ଅନୁଯାୟୀ ତଦନ୍ତ ନାଆରେ ତାଙ୍କ ଶାଶୁ ସୁବାସିନୀ ବେହେରାଙ୍କ କାର୍ଡ଼କୁ ସାମଗ୍ରୀ ବଣ୍ଟନ ଦାୟିତ୍ୱରେ ଥିବା ଗୋଷ୍ଠୀର ପରିଚାଳକ ତଥା ସମିତି ସଭ୍ୟ ମାଗିନେଇଥିଲେ । ଖାଉଟି ସାମଗ୍ରୀ ନପାଇ ସୁବାସିନୀ ଉକ୍ତ କାର୍ଡ଼ ନମ୍ବରରେ ଅନ୍ୟ ଜଣେ ସାମଗ୍ରୀ ନେଉଥିବା ଜାଣିବାକୁ ପାଇଲେ । ଏସମ୍ପର୍କରେ ରଘୁନାଥ ଗୁରୁବାର ଅପରାହ୍ନରେ କାର୍ଡ଼ ନେଇଥିବା ଶ୍ରୀ ଦାସଙ୍କୁ ପଚାରିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିଲା ।

## ପୂର୍ବତନ ବିଧାୟକଙ୍କୁ ଅଟକାଇ ଗାଡ଼ି ଭାଙ୍ଗିବା ଘଟଣାରେ ୮ ଗିରଫ

ବାଲେଶ୍ୱର : ବାତ୍ୟା ପ୍ରଭାବିତ ବାଲେଶ୍ୱର ଜିଲ୍ଲା ଗସ୍ତରେ ଆସିଥିବା ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଗାଡ଼ି ଭାଙ୍ଗିବା ଘଟଣାରେ ବସ୍ତା ଥାନା ପୁଲିସ ୮ ଜଣକୁ ଗିରଫ କରିଛି । ଶୁକ୍ରବାର ଦିନ ବସ୍ତା ବ୍ଲକ ହଳଦୀପଦା ବାତ୍ୟା ଅଞ୍ଚଳ ପରିଦର୍ଶନ ସାରି ସ୍ଥାନୀୟ ସରପଞ୍ଚ ପର୍ଶୁରାମ ପ୍ରଧାନଙ୍କ ଘରେ ଶ୍ରୀ ପଟ୍ଟନାୟକ ମଧ୍ୟାହ୍ନ ଭୋଜନ କରୁଥିଲେ । ଏହି ସମୟରେ ସରପଞ୍ଚଙ୍କ ବିରୋଧି କିଛି ବ୍ୟକ୍ତି ସେଠାରେ ପହଞ୍ଚି ତାଙ୍କ ଇନୋଭା କାରକୁ ଭଙ୍ଗାରୁଜା କରିଥିଲେ । ଅଭିଯୋଗ ପରେ ବସ୍ତା ଥାନା ପୁଲିସ କେଶ ନଂ-୧୬୮/୨୧ରେ ମାମଲା ରୁଜୁ କରି ତଦନ୍ତ କରିଥିଲେ । ତଦନ୍ତ ପରେ ପୁଲିସ ହଳଦୀପଦା ଅଞ୍ଚଳର ତପନ କୁମାର ସାହୁ(୩୭), ଶଶିକାନ୍ତ ସାହୁ (୩୬), ସହଦେବଖୁଣ୍ଟା ଥାନା ଗଳାପୋଲ ଅଞ୍ଚଳର ବାଇନ ସିଂହ (୨୮), ଚନ୍ଦ୍ର ସିଂହ (୨୦), ଲକ୍ଷ୍ମୀଧର ଖିଲାର (୨୦), ଭାଷ୍କରଗଞ୍ଜ ଅଞ୍ଚଳର ମନୋରଞ୍ଜନ ଦାସ (୨୪), ଗୁଡ଼ିଆ ପୋଖରୀ ଅଞ୍ଚଳର ଭବାନୀ ଶଙ୍କର ସାହୁ (୩୦) ଓ ସଦର ଥାନା ତଳ ପୋଖରୀ ଅଞ୍ଚଳର ସୌନା ମାରାଣ୍ଡି (୨୧)କୁ ଗିରଫ କରିଛି ।

## ସହାୟତା ପ୍ରଦାନରେ ପାତରଅନ୍ତର ଅଭିଯୋଗ

ବାଲେଶ୍ୱର: ବସ୍ତା ବ୍ଲକ କଂଗ୍ରେସ ତରଫରୁ ହୋଇଥିବା ସ୍ୱତନ୍ତ୍ର ଟିମ୍ ବାତ୍ୟା ପ୍ରଭାବିତ ବିଭିନ୍ନ ପଞ୍ଚାୟତ ବୁଲି କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି । ସବୁଠୁ ଅଧିକ କ୍ଷତିଗ୍ରସ୍ତ ସଦାନନ୍ଦପୁର ପଞ୍ଚାୟତର ଗୁଣ୍ଡୁରି ସାହି ଗାଁକୁ ମଧ ପରିଦର୍ଶନ କରିବା ସହିତ ଭାଙ୍ଗିଯାଇଥିବା ଘରଗୁଡ଼ିକ ତୁରନ୍ତ ତଦନ୍ତ କରି ସରକାରୀ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ପ୍ରଶାସନକୁ ଅନୁରୋଧ କରିଛନ୍ତି । ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ସୁଧାଂଶୁ ଶେଖର ଜେନା, ମନୋଜ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର, ପୂର୍ବତନ ସମିତି ସଭ୍ୟ କିଶୋର ପାଳ, ଜିଲ୍ଲା ଯୁବକଂଗ୍ରେସ ସମ୍ପାଦକ ନିତ୍ୟାନନ୍ଦ ନାୟକ, ନାଏବ ସରପଞ୍ଚ ଗୌରାଙ୍ଗ ସେଠୀ ପ୍ରମୁଖ ଏହି ଟିମ୍ରେ ସାମିଲ ହୋଇଥିଲେ । ତେବେ ମଥାନି ପଞ୍ଚାୟତରେ ବିଭିନ୍ନ ସରକାରୀ ଯୋଜନାର ପାତରଅନ୍ତର ହେଉଥିବା ବେଳେ ୟାସ୍ ବାତ୍ୟାରେ କ୍ଷୟକ୍ଷତି ହୋଇଥିବା ଲୋକଙ୍କ ପାଖରେ କେହି ପହଞ୍ଚି ନଥିବା ଅଭିଯୋଗ ହୋଇଛି । ଅନେକ ଲୋକ ଭୋକ ଉପବାସରେ ଦିନ କାଟୁଥିବା ବେଳେ ସରକାରଙ୍କ ତରଫରୁ ପଞ୍ଚାୟତକୁ ଆସିଥିବା ସହାୟତା ବାତ୍ୟା କ୍ଷତିଗ୍ରସ୍ତ ପରିବାରକୁ ନଦେଇ ସ୍ଥାନୀୟ ସରପଞ୍ଚ ମନଇଚ୍ଛା ବିତରଣ କରାଯାଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଜିଲ୍ଲାପାଳ ଏବଂ ରିଲିଫ କମିଶନର ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

### ଫାୟାର ଷ୍ଟେସନରେ ଷ୍ଟେସନ ମାଷ୍ଟର ରୂପେ କାର୍ଯ୍ୟରତ

## ଓଡିଶା ମୋ ପରିବାର ତରଫରୁ ରକ୍ତଦାନ ଶିବିର




କେନ୍ଦୁଝର(ପିଏନ)-ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୧ତମ ଜୟନ୍ତୀ ଅବସରରେ ଓଡିଶା ମୋ ପରିବାର ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବର୍ତ୍ତମାନ କରୋନା ଦିନକୁ ଦିନ ନିଜର କାୟା ବିସ୍ତାର କରିବାରେ ଲାଗିଥିବା ବେଳେ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି । ଅନେକ ଜାଗାରେ ରକ୍ତର ଆବଶ୍ୟକତା ମଧ ପଡୁଛି । ଯାହାକୁ ନଜରରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଓଡିଶା ମୋ ପରିବାର ତରଫରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତ ସଂଗ୍ରହର କାର୍ଯ୍ୟକ୍ରମ କରାଯାଉଛି । କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳ ତରଫରୁ ନଗର ଭବନ ଠାରେ ଓଡିଶା ମୋ ପରିବାର ତରଫରୁ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ରକ୍ତଦାନ ଶିବିରରେ ରକ୍ତାଦନ କରିବାକୁ ସ୍ୱେଚ୍ଛାକୃତ ଭାବେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଯୁବକମାନେ ନଗର ଭବନ ଠାରେ ଉପସ୍ଥିତ ଥିଲେ । ବିଜୁ ଜନତା ଦଳ ତରଫରୁ ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଅଞ୍ଜନ କୁମାର ବେଜ, ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ପାଟଣା ବିଧାୟକ ଜଗନ୍ନାଥ ନାୟକ, ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

## ଚିହ୍ନଟ ହେଲେ ଆଉ ୮୭ ଆକ୍ରାନ୍ତ, ଜଣେ ମୃତ

ଭଦ୍ରକ, (ପିଏନ)-ଆଉ ନୂଆ ୮୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ମଧ ହୋଇଛି । ଫଳରେ ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୮୧୪ରେ ପହଂଚିଥିବା ବେଳେ ମୃତ୍ୟୁ ସଂଖ୍ୟା ୮ରୁ ବୃଦ୍ଧି ହୋଇ ୯ ହୋଇଛି । ସେହିଭଳି ସୁସ୍ଥଙ୍କ ସଂଖ୍ୟାରେ ମଧ ବୃଦ୍ଧି ଘଟି ୨୧୩୯ ହୋଇଥିବା ବେଳେ ଏବେ ଆଉ ୬୬୬ଜଣ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି । ତେବେ ଆଜି ଯେଉଁସବୁ ଅଂଚଳରୁ ଆକ୍ରାନ୍ତମାନେ ଚିହ୍ନଟ ହୋଇଛନ୍ତି ସେହିସବୁ ଅଂଚଳ ହେଲା ଭୁବନେଶ୍ୱରର କିମ୍ସ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଚାନ୍ଦବାଲି ବ୍ଲକ ଆରଡି ପଂଚାୟତର ଜଣେ, ଏମ୍ସରେ ଚିକିତ୍ସିତ ହେଉଥିବା ଭଦ୍ରକ ପୌରପାଳିକାର ୨୧ ନଂ ୱାର୍ଡର ଜଣେ, ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ୧୩ ନଂ ୱାର୍ଡର ଜଣେ ଚିହ୍ନଟ ହୋଇଛନ୍ତି । ସେହିଭଳି ଭଦ୍ରକ ବ୍ଲକର କୋରକୋରା ପ ାୟତରୁ ଜଣେ, ବହୁଦରଡା ପ ାୟତରୁ ୧୦, ଚଣ୍ଡିଗାଁ ପ ାୟତରୁ ୨ଜଣ, ବନ୍ଧଗାଁ ପ ାୟତରୁ ଜଣେ, ଚରମ୍ପାରୁ ୩, ଗେଲପୁରରୁ ଜଣେ, ଖଣ୍ଡତଡାରୁ ଜଣେ, ରାନ୍ଦିଆରୁ ୪, ରାହାଞ୍ଜାରୁ ଜଣେ, ଆର.ଏନ.ବେତଡାରୁ ୨, ସାବରଙ୍ଗରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକର ଦକ୍ଷିଣବାଡ ପ ାୟତରୁ ୨, ନୂଆଗାଁ ପ ାୟତରୁ ୩, କୁରିଗାଁରୁ ଜଣେ, ରହଣିଆରୁ ଜଣେ, ରାମଚନ୍ଦ୍ରପୁରରୁ ୨, ସରସଦାରୁ ଜଣେ, ତେସିଙ୍ଗାରୁ ୨, ନପଙ୍ଗରୁ ଜଣେ, ତିହିଡି ବ୍ଲକର କାଁପଡା ପ ାୟତରୁ ୨ଜଣ, ଭାଟପଡା ପ ାୟତରୁ ଜଣେ, ବିଲଣାରୁ ଜଣେ, ବୋଡକରୁ ଜଣେ, ଦୋଳସାହିରୁ ୬, ଚାନ୍ଦବାଲି ବ୍ଲକର ଦୋସିଙ୍ଗା ପ ାୟତରୁ ୨ଜଣ, ଗୋଲାଡିହା ପ ାୟତରୁ ଜଣେ, ଧାମନଗର ବ୍ଲକ ଧୁଷୁରୀ ପ ାୟତରୁ ୨ଜଣ, ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ପ ାୟତରୁ ଜଣେ, ଅରଣ୍ଡୁଆ ପ ାୟତରୁ ଜଣେ, ବାସୁଦେବପୁର ପୌରପାଳିକାର ବାଳିନଗର ଅ ଳରୁ ଜଣେ, ୧୮ ନଂ ୱାର୍ଡରୁ ଜଣେ, ୨୩ ନଂ ୱାର୍ଡରୁ ଜଣେ, ଭଦ୍ରକ ପୌରପାଳିକାର ୧୦ ନଂ ୱାର୍ଡରୁ ଜଣେ, ୧୨ ନଂ ୱାର୍ଡରୁ ୨, ୧୩ ନଂ ୱାର୍ଡରୁ ଜଣେ, ୨୯ ନଂ ୱାର୍ଡରୁ ୨ଜଣ, ୫ ନଂ ୱାର୍ଡରୁ ୨ଜଣ, ୬ ନଂ ୱାର୍ଡରୁ ୨, ୭ ନଂ ୱାର୍ଡରୁ ଜଣେ, ବନ୍ତ ବ୍ଲକଆଡିଆ ପ ାୟତରୁ ୨ଜଣ, ବଡବର୍ଚ୍ଚିକୟାଁରୁ ୨, ବନ୍ତ ପ ାୟତରୁ ୨, ଗଣିଜାଙ୍ଗରୁ ଜଣେ, ଓଡଙ୍ଗରୁ ଜଣେ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲାର ସମୁଳିଆ ଅ ଳରୁ ଜଣେ ଏବଂ ବାଉଁମଣି ଅ ଳରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।






# ଜିଲ୍ଲା କଂଗ୍ରେସ ତରଫରୁ ଅସହାୟଙ୍କୁ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ୫ମ ଦିବସରେ



ରାଉରକେଲା : ବର୍ତ୍ତମାନର କରୋନା ମହାମାରୀ କାଳରେ ଲାଗୁ ହୋଇଥିବା ଲକ୍‌ଡାଉନ ଓ ସଟ୍‌ଡାଉନ ପାଇଁ ଗରିବ ଶ୍ରେଣୀର ଅସହାୟ ଲୋକଙ୍କ ଦୁର୍ଦ୍ଦଶା ବିଶେଷ ଭାବରେ ବୃଦ୍ଧି ପାଇଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା କଂଗ୍ରେସ ତରଫରୁ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଆରମ୍ଭ କରାଯାଇଥିବା ଅସହାୟକଙ୍କ ସେବା କାର୍ଯ୍ୟକ୍ରମ ରନ୍ଧାଖାଦ୍ୟ ଓ ମାସ୍କ ବଣ୍ଟନ ଆଜି ୫ମ ଦିବସରେ ପହଞ୍ଚିଛି । ଆଜି ୫ମ ଦିବସରେ ୮ ଓ ୯ ନମ୍ବର ବ୍ଲକ୍‌ର ଶାନ୍ତ ନଗର, ଆନନ୍ଦ ବସ୍ତି, ମଲ୍ଲିକ ବସ୍ତି, ରାମଗଡ ବସ୍ତି, ରୁଗୁଣିଟୋଲା, ହିଲଟପ୍ ବସ୍ତି, ସମଲେଶ୍ୱରୀ ବସ୍ତି ସମେତ ରାସ୍ତାପାର୍ଶ୍ୱରେ ଅସହାୟ ଅବସ୍ଥାରେ ଥିବା ଲୋକମାନଙ୍କୁ ରନ୍ଧା ଖାଦ୍ୟ ପୁଡିଆ ବଣ୍ଟନ କରାଯାଇଥିଲା । ଏଥିସହ ସମ୍ପୃକ୍ତ ଅଞ୍ଚଳରେ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯିବା ସହ ବସ୍ତି ଲୋକମାନଙ୍କୁ ସଚେତନ କରାଯାଇଥିଲା । ଅଯଥାରେ ବାହାରେ ନ ବୁଲି ଘରେ ରହିବାକୁ ପରାମର୍ଶ ଦିଆଯାଇଥିଲା । ଏହି ଅବସରରେ ଦଳର ସ୍ୱେଚ୍ଛାସେବୀମାନେ ସାନିଟାଇଜର ପ୍ରଦାନ କରି ଏହାର ବ୍ୟବହାର ଦ୍ୱାରା କିପରି ହାତକୁ ଜୀବାଣୁମୁକ୍ତ କରାଯାଇପାରିବ ସେ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ । ଜିଲ୍ଲା କଂଗ୍ରେସ ତରଫରୁ ନିଯୁକ୍ତ କୋଭିଡ୍ ସଂଯୋଜକ କୈଳାସ ଚନ୍ଦ୍ର ସାହୁ ଓ ବ୍ଲକ୍ କଂଗ୍ରେସ ସଭାପତି ସୁନୀଲ ପଟ୍ଟନାୟକ ଓ ଧୁସା ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସହାୟତା କାର୍ଯ୍ୟକ୍ରମରେ ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ଜିଲ୍ଲା କଂଗ୍ରେସର ଡ.ସୁରେଶ ମଲ୍ଲ, ଜେ.ଜେ. ତିର୍କୀ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ମହିଳା କଂଗ୍ରେସ ସଭାନେତ୍ରୀ ଲତା ନାୟକ, ଅନୁପ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି ।

## କନ୍ଧମାଳରେ କମିଲା ସଂକ୍ରମଣ : ଆଜି ଜିଲ୍ଲାରେ ୫୪ କରୋନା ସଂକ୍ରମିତ ଚିହ୍ନଟ

କନ୍ଧମାଳ: କନ୍ଧମାଳ ଜିଲ୍ଲାରେ କୋଭିଡ ସଂକ୍ରମଣ ଆଜି ମିଳିଥିବା ରିପୋର୍ଟ ଅନୁସାରେ କମିଛି । ଗତ ୨୪ ଘଣ୍ଟା ଭିତରେଜିଲ୍ଲାରେ ୫୪ ଜଣ ନୂଆ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳରୁ ସର୍ବାଧିକ ୧୫ ଜଣ ଏବଂ ଗ୍ରାମାଂଚଳରୁ ୨ ଜଣଙ୍କୁ ମିଶାଇ ମୋଟ ୧୭ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ବାଲିଗୁଡା ବିଜ୍ଞାପିତ ଅଂଚଳରୁ ଜଣେ ଏବଂ ଗ୍ରାମାଚଳରୁ ୪ ଜଣ ଜଣଙ୍କ ସମେତ ମୋଟ ୫ ଜଣ ରହିଛନ୍ତି ସେହିପରି ଜିଲ୍ଲାର ଚକାପାଦ ଅଂଚଳର ୪ ଜଣ,ଦାରିଙ୍ଗବାଡି ବ୍ଲକରେ ୪ ଜଣ ଘୁ.ଉଦୟଗିରିରେ ଜଣେ,କ.ନୂଆଗାଁର ୫ ଜଣ,ଖଜୁରିପଡାରେ ୨ ଜଣ, କୋଟଗଡ ବ୍ଲକର ଜଣେ,ଫିରିଙ୍ଗିଆ ୪, ଟିକାବାଲିରେ ୬ ଜଣ,ତୁମୁଡିବନ୍ଧର ୪ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ସୁତ୍ରରୁ ଜଣାପଡିଛି । ଏମାନଙ୍କୁ ମିଶାଇ ଜିଲ୍ଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮,୯୮୯ ରେ ପହଂଚିଛି । ଆଜି ସୁଦ୍ଧା ଜିଲ୍ଲାରେ ମୋଟ ୭,୯୮୪ ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଜିଲ୍ଲାରେ କୋଭିଡ ସଂକ୍ରମଣରେ ମୃତ୍ୟୁ ସଂଖ୍ୟା ୩୯ ରେ ରହିଥିବାବେଳେ ଆଉ ୯୬୬ ଜଣ ସଂକ୍ରମିତ ପୃଥକ ବାସରେ ଏବଂ ହସ୍ପିଟାଲରେ ଚିକିତ୍ସାଧିନ ଅଛନ୍ତି ।

# ଦୃଷ୍ଟିବାଧିତ ଭିନ୍ନକ୍ଷମ ଯୁବତୀଙ୍କୁ ସହାୟତା ପ୍ରଦାନ



କେନ୍ଦ୍ରାପଡ଼ା: ଜଣେ ଦୃଷ୍ଟିବାଧିତ ଭିନ୍ନକ୍ଷମ ଅସହାୟା ଯୁବତୀଙ୍କ ସମ୍ପର୍କରେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଖବର ପାଇ ତାଙ୍କୁ ସହାୟତାର ହାତ ବଢାଇଛନ୍ତି ସମାଜସେବୀ ତଥା ଚଳଚିତ୍ର ପ୍ରଯୋଜକ ମାନସ କୁମାର ସାହୁ(ମାନ) । କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ନେମ୍ବରା ଗ୍ରାମର ଖଗେଶ୍ୱର ମଲ୍ଲଙ୍କ ଝିଅ ସୁଲୋଚନା ମଲ୍ଲ (୩୦)ଜଣେ ଦୃଷ୍ଟିବାଧିତ ଭିନ୍ନକ୍ଷମ । ଜନ୍ମରୁ ଦୃଷ୍ଟିବାଧିତ ନଥିବା ସୁଲୋଚନା ୭ମ ଶ୍ରେଣୀରେ ପାଠପଢୁଥିବା ବେଳେ ତାଙ୍କର ଗୋଟିଏ ଚକ୍ଷୁ ନଷ୍ଟ ହୋଇଯାଇଥିଲା । ପରେ ୧୭ବର୍ଷ ବୟସରେ ଅନ୍ୟ ଚକ୍ଷୁଟି ମଧ ନଷ୍ଟ ହୋଇଯାଇଥିଲା । ଦିଲ୍ଲୀ ସି.ବି.ଏସ.ଇ. ବୋର୍ଡରୁ ମାଟ୍ରିକ ପାସ କରିଥିବା ସୁଲୋଚନା କୁହନ୍ତି ଯେ ତାଙ୍କର ସଂଗୀତ ପ୍ରତି ବିଶେଷ ଆଗ୍ରହ ରହିଥିଲେ ବି ତାଙ୍କୁ ଏପର୍ଯ୍ୟନ୍ତ ସେଭଳି ସୁଯୋଗ ମିଳିନାହିଁ । ତାଙ୍କ ସାନଭାଇ ତାଙ୍କୁ ମାଡମାରି ନିର୍ଯ୍ୟାତନା ଦେଇ ଘରୁ ବାହାର କରିଦେଇଥିଲେ । ସେ ବାଧ ହୋଇ ସେଠାରୁ ପଳାଇଆସି ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁହୁଡି ପଞ୍ଚାୟତର ପଷ୍ଟା ଗ୍ରାମର ମଧୁସାଗର ବିଦ୍ୟାପୀଠ ସମ୍ମୁଖ ବାସନ୍ତୀ ପ୍ରଧାନଙ୍କ ଘରେ ଆଶ୍ରୟ ନେଇଛନ୍ତି । ସୁଲୋଚନାଙ୍କ ସମ୍ପର୍କରେ ସୋସିଆଲ ମିଡିଆରୁ ଜାଣିବା ପରେ ସମାଜସେବୀ ଶ୍ରୀ ସାହୁ ସେଠାରେ ପହଞ୍ଚି ସୁଲୋଚନାଙ୍କୁ ଶୁଖିଲା ଖାଦ୍ୟ ଛତୁଆ, ବିସ୍କୁଟ, ଫଳ, ଅଟା, ଯାଇ ପ୍ରଭୃତି ମାସକ ନିମନ୍ତେ ଏବଂ ପନିପରିବା ଓ ପୋଷାକ ଯୋଗାଇଦେବା ସହିତ ପରେ ଆବଶ୍ୟକ ପଡିଲେ ଆହୁରି ସହାୟତା ଅସହାୟା ସୁଲୋଚନାଙ୍କୁ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ସମାଜସେବୀ ଶ୍ରୀ ସାହୁ । ଅସହାୟା ସୁଲୋଚନାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ଶ୍ରୀ ସାହୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

## ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ନବୀନ ବାବୁଙ୍କ ଆଉ କେତେବର୍ଷ ଦରକାର ? କଂଗ୍ରେସ

ଭୁବନେଶ୍ୱର : ୨୦୦୦ ମସିହାରୁ ୨୦୨୧ ମସିହା ଭିତରେ ନିଜର ପିତା ଶ୍ରୀ ବିଜୁପଟ୍ଟନାୟକଙ୍କର ସ୍ୱପ୍ନକୁ ପୂରଣ କରିବା ପାଇଁ ପଂଚମ ପାଳିରେ ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ପରିଷଦକୁ ନିର୍ଦ୍ଦେଶ ଦେଇନ୍ଛନ୍ତି । ମୂଳ କଥାଟି ନବୀନ ବାବୁ ଦୟାକରି ଓଡ଼ିଶାବାସୀଙ୍କୁ ଜଣାଇବେ କି ବିଜୁବାବୁଙ୍କର ଓଡ଼ିଶା ବାସୀଙ୍କ ପାଇଁ କଣ ସ୍ୱପ୍ନ ଥିଲା ବା ଦେଖିଥିଲେ ଏବଂ ଏହି ୨୧ବର୍ଷ ଭିତରେ କେଉଁ କେଉଁ ସ୍ୱପ୍ନକୁ ପୁରଣ କରାଯାଇପାରିଛି । ଆଉ କେଉଁ ସ୍ୱପ୍ନ ବାକି ରହିଲା ଏବଂ ତାକୁ ପୂରଣ କରିବାକୁ ଆଉ କେତେ ସମୟ ଦରକାର ବୋଲି ଅତି କ୍ଷୋଭର ସହିତ ପ୍ରଶ୍ନ କରିଛନ୍ତ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଂଚାନନ କାନୁନଗୋ । ଆଜି ଏକ ପ୍ରେସ ବିଜ୍ଞପ୍ତିରେ ଶ୍ରୀଯୁକ୍ତ କାନୁନଗୋ କହିଛନ୍ତ ଯେ ଯେଉଁମାନେ ବିଜୁବାବୁଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନଙ୍କ ମୁହଁରୁ ଗୋଟିଏ କଥା ବିଜୁବାବୁ ଚାହୁଁଥିଲେ ଓଡ଼ିଶାର ପ୍ରତ୍ୟେକ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଏବଂ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ମିଳୁ ।

# ହୁଣ୍ଡାଇ ପକ୍ଷରୁ ୟାସ୍ ବାତ୍ୟା ପ୍ରଭାବିତ ଗ୍ରାହକଙ୍କ ପାଇଁ ରିଲିଫ୍ ଟାସ୍କ ଫୋର୍ସ ଗଠନ

ଭୁବନେଶ୍ୱର, ୩୦ ମଇ, ୨୦୨୧: ଦେଶର ପ୍ରଥମ ସ୍ମାର୍ଟ ମୋବିଲିଟି ସମାଧାନ ପ୍ରଦାନକାରୀ ଅଗ୍ରଣୀ କାର ନିର୍ମାତା ତଥା ବୃହତ୍ ପାସେର କାର୍ ରପ୍ତାନୀକାରୀ ହୁଣ୍ଡାଇ ମୋଟର ଇଣ୍ଡିଆ ଲିଃ.(ଏଚ୍‌ଏମ୍‌ଆଇଏଲ୍) ପକ୍ଷରୁ ୟାସ୍ ବାତ୍ୟା ପ୍ରଭାବିତ ଓଡ଼ିଶା,ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ଗ୍ରାହକଙ୍କ ପାଇଁ ରିଲିଫ୍ ଟାସ୍କ ଫୋର୍ସ ଗଠନ କରାଯାଇ ଗ୍ରାହକଙ୍କୁ ମାଗଣାରେ ଆବଶ୍ୟକ ମାଗଣା ରୋଡ ସାଇଡ୍ ସହାୟତା ଯୋଗାଇ ଦିଆଯାଉଛି । ଏହି ଅବସରରେ ସେଲସ୍, ମାର୍କେଟିଙ୍ଗ ଏବଂ ସର୍ଭିସ୍ ନିର୍ଦ୍ଦେଶକ ତରୁଣ ଗର୍ଗ କହିଲେ, ଗ୍ରାହକ ବିଶ୍ୱାସନୀୟ ବ୍ରାଣ୍ଡ୍ ଭାବେ ଆମେ ଶ୍ରେଷ୍ଠ ସେବା ପ୍ରଦାନ ପାଇଁ ଉଦ୍ୟମ ଅବ୍ୟାହତ ରଖିଛୁ । ୟାସ୍ ବାତ୍ୟା ପ୍ରଭାବିତ ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ପାଇଁ ଆମେ ଆମର ବିଶ୍ୱସ୍ତରୀୟ ଭିଜନ୍ ପ୍ରୋଗ୍ରେସ୍ ଫର୍ ହ୍ୟୁମାନିଟି ଅଂର୍ଗତ ସମାଜ ଏବଂ କମ୍ୟୁନିଟିର ସୁବିଧା ନିମନ୍ତେ ରିଲିଫ୍ ଟାସ୍କ ଫୋର୍ସ ଗଠନ କରିଛୁ । ଦାୟିତ୍ୱସମ୍ପନ୍ନ ବ୍ରାଣ୍ଡ୍ ଭାବେ ଆମେ ଗାଡ଼ି ମାଲିକଙ୍କୁ ଶ୍ରେଷ୍ଠ ସର୍ଭିସ୍ ସହାୟତା ଯୋଗାଇ ଦେଉଛି । ଆମର ରିଲିଫ୍ ଟିମ୍ ନିର'ର ବାତ୍ୟା ପ୍ରଭାବିତ ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ବିଭିନ୍ନ ଅଂଚଳରେ ପିସ୍ ଅଫ୍ ମାଇଣ୍ଡ ଅଂର୍ଗତ ଏହି ସଙ୍କଟ ସମୟରେ ଭାମ୍ୟମାଣ ସେବା ଯୋଗାଣ ଅବ୍ୟାହତ ରଖିଛନ୍ତ । କମ୍ପାନୀ ପକ୍ଷରୁ ରାସ୍ତାକଡ଼ରେ ଚିଂମୁକ୍ତ ଏମ୍ରଜେନ୍ସି ସହାୟତା ଯୋଗାଇ ଦିଆଯାଉଛି । ଅତିରିକ୍ତି ଭାବେ ବାତ୍ୟା ପ୍ରଭାବିତ ଯାନଗୁଡ଼ିକ ପାଇଁ ୫୦ ପ୍ରତିଶତ ଡ୍ରିପିସିଏଶନ୍ ମୂଲ୍ୟରେ ବୀମା କ୍ଲେମ୍‌ର ସୁବିଧା କରାଯାଇଛି । ଏହା ପୂର୍ବରୁ ଚଳିତ ମାସରେ ହୁଣ୍ଡାଇ ପକ୍ଷରୁ ୨ ମାସର ବର୍ଦ୍ଧିତ ୱାରେଂଟି ଏବଂ ଫ୍ରି ସର୍ଭିସ୍ ଏହାର ସମସ୍ତ ଗ୍ରାହକଙ୍କ ପାଇଁ ଘୋଷଣା କରାଯାଇଥିଲା । ଲକ୍‌ଡାଉନ୍ ଯୋଗୁ ନିଜ ନିଜ ରାଜ୍ୟ ଏବଂ ସହରରେ ସର୍ଭିସ୍‌ର ସୁଯୋଗ ହାସଲ କରି ପାରି ନ ଥିବା ଗ୍ରାହକମାନେ ଏହାଦ୍ୱାରା ବିଶେଷ ଉପକୃତ ହୋଇପାରିବେ ।ହୁଣ୍ଡାଇ ସର୍ଭିସ୍ ସୁବିଧା ୧୩୦୦ରୁ ଅଧିକ କର୍ମଚାରୀଙ୍କ ମାଧମରେ ୩୬୦ ଡିଗ୍ରୀ ଡିଜିଟାଲ ଏବଂ କଂଟାକ୍ଟଲେସ୍ ସର୍ଭିସ୍ ଯୋଗାଇ ଦିଆଯାଉଛି । ଏହା ସହିତ ଅନ୍‌ଲାଇନ୍ ସର୍ଭିସ୍ ବୁକିଂ, ଭେହିକିଲ୍ ଷ୍ଟାଟସ୍, ଘର/ କାର୍ଯ୍ୟାଳୟଠାରୁ ପିକ୍ ଏବଂ ଡ୍ରପ୍, ଅନ୍‌ଲାଇନ୍ ପେମେଂଟ୍ ସୁବିଧା, ଟଚ୍ ଫ୍ରି ସର୍ଭିସ୍ ଅଭିଜ୍ଞତା ଗ୍ରାହକଙ୍କ ପାଇଁ ଉପଲବ୍ଧ କରାଯାଉଛି । ହୁଣ୍ଡାଇ କଷ୍ଟମର କେୟାର ହେଲପ୍ ଲାଇନ୍ ନମ୍ବର ୧୮୦୦୧୦୨୪୬୪୫ ଦ୍ୱାରା ଯୋଗାଯୋଗ କରିଥିବା ଗ୍ରାହକଙ୍କୁ ଆବଶ୍ୟକ ସେବା ଯୋଗାଇ ଦିଆଯାଉଛି ।

# ଦଶରଥପୁର ବୈତରଣୀ ଓ କାଣୀ ନଦୀ ଘାଇ ମରାମତିରେ ଜଳ ସଂପଦ ବିଭାଗର ଅବହେଳାର ଉଚ୍ଚସ୍ତରୀୟ ତଦନ୍ତ ଦାବୀ



ଯାଜପୁର : ଦଶରଥପୁର ବ୍ଲକ ବୈତରଣୀର ଶାଖା ନଦୀ କାଣୀ ନଦୀରେ କଣ୍ଟପଡା ଓ ପହ୍ଲାସାହି ଠାରେ ଗତ ବର୍ଷ ଘାଇ ହୋଇଥିଲା । ଏହି ଘାଇ ମରାମତି ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା । କିନ୍ତୁ ଚଳିତ ବର୍ଷ ବାତ୍ୟା ୟାସ୍ ପ୍ରଭାବରେ ଲଗାଣ ବର୍ଷା ଯୋଗୁ ବୈତରଣୀ ନଦୀରେ ବନ୍ୟା ହେବା ଯୋଗୁ ଶାଖା ନଦୀ କାଣୀ, କୋଚିଲା, ଗେଙ୍ଗୁଟି ନଦୀରେ ବନ୍ୟା ଆସିଥିଲା । ଏହାଦ୍ୱାରା କଣ୍ଟପଡା ଠାରେ ପ୍ରାୟ ୧୦୦ ମିଟର ଘାଇ ହୋଇ ବ୍ୟାପକ ଅଞ୍ଚଳ ଜଳମଗ୍ନ ହେବା ଯୋଗୁଁ ହଜାର ହଜାର ଏକର ଚଷ ଜମି ବାଲିଚର ହେବା ସହିତ ଡାଲୁଅ ଫସଲ ନଷ୍ଟ ହୋଇଛି । ଦଉପୁର ଓ ପହ୍ଲାସାହିରେ ଠାରେ ନଦୀ ବନ୍ଧର ଉଚ୍ଚତା କମ ଥିବାରୁ ବନ୍ୟାପାଣି ବନ୍ଧ ଡେଇଁ ବିଲବାଡି ଘରଦ୍ୱାର ନଷ୍ଟ କରୁଛି । ଜଇନ୍ତରା ପଞ୍ଚାୟତର ପାଟପୁର ଠାରେ ଜେସିବି ଲଗାଇ ବନ୍ଧ ଖୋଳି ଘାଇ କରିବା ପାଇଁ ଠିକାଦାର ଓ ଆସାମାଜିକ ବ୍ୟକ୍ତି ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ବିରୋଧ ଓ ପୋଲିସକୁ ଖବର ଦେବା ଦ୍ୱାରା ସେଠାରୁ ଠିକାଦାର ପଳାଇଯାଇଥିଲେ । ଏ ବାବଦରେ ଜଳସେଚନ ବିଭାଗ, ପ୍ରଶାସନ ଏବଂ ରାଜନେତାମାନେ ଜାଣିଶୁଣି ଏହାକୁ ଚପାଇ ଦେବା ଦ୍ୱାରା ଭବିଷ୍ୟତରେ ସେମାନେ ଏଭଳି କାର୍ଯ୍ୟ ପୁନର୍ବାର କରିବାକୁ ପଛେଇବେ ନାହିଁ ବୋଲି ଚର୍ଚ୍ଚା ହେଉଛି । ବର୍ଷ ବର୍ଷଧରି କାଣୀ ନଦୀର ଅବବାହିକାରେ ଥିବା ବ୍ରହ୍ମଚରୀ ପାଟଣା, କଣ୍ଟପଡା, ପହ୍ଲାସାହି, ଧୋବାସାହି, ଦାସସାହି ପ୍ରଭୃତି ଅଞ୍ଚଳ ମନୁଷ୍ୟକୃତ ବନ୍ୟା ଦାଉରେ ଉବୁଟୁବୁ ହେଉଛନ୍ତି । କୋଟି କୋଟି ଟଙ୍କା ବନ୍ଧ ପ୍ରଶସ୍ତିକରଣ ଓ ଘାଇ ଓ ବନ୍ଧ ମରାମତି ପାଇଁ ବିଗତ ବର୍ଷ ମାନଙ୍କରେ ଖର୍ଚ୍ଚ ହୋଇଥିଲେ ସୁଦ୍ଧା ଠିକାଦାର ରାଜନେତା ଓ ଯନ୍ତ୍ରୀଙ୍କ ସଲାସୁତୁରାରେ ଯଥାପୂର୍ବଂ ତଥା ପର ଅବସ୍ଥାରେ ତାହା ରହିଛି ଏବଂ ପଲିଥିନ ତଳେ ବନ୍ୟାବିପନ୍ନଙ୍କ ଭାଗ୍ୟ ବର୍ଷବର୍ଷ ଧରି ଅସହାୟ ହୋଇ ପଡିରହିଛି । ତାହାକୁ ତଦାରଖ କରିବାକୁ ବ୍ଲକ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ କାହାରି ନିଘା ନାହିଁ । ବାରମ୍ବାର ଟଙ୍କା ଖର୍ଚ୍ଚ ହୋଇ ବନ୍ଧ ଓ ଘାଇର ସୁରକ୍ଷା ହୋଇ ପାରୁନଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏହାର ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ ହେବା ପାଇଁ ଉକ୍ତ ଅଞ୍ଚଳ ପରିଦର୍ଶନରେ ଯାଇଥିବା କଂଗ୍ରେସ ପ୍ରତିନିଧି ଦଳ ପକ୍ଷରୁ ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ, ଦଶରଥପୁର ବ୍ଲକ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କର, ଦଳିତ କଂଗ୍ରେସ ସେଲ୍ ସଭାପତି ଦୁର୍ଯ୍ୟୋଧନ ବେହେରା, ସାଧାରଣ ସଂପାଦକ ହୃଷୀକେଶ ପତି, ଦେବେନ୍ଦ୍ର କୁମାର ପଣ୍ଡା, ପୁଲିନପ୍ରକାଶ ପୁହାଣ, ଚନ୍ଦ୍ରଶେଖର ସାହୁ, ସବ୍ୟସାଚୀ ଦାସ, ଅନନ୍ତ ଦାସ, ଘନଶ୍ୟାମ ସାହୁ, ସାଗର ପରିଡା, ବିମଳ ମଲ୍ଲିକ, ବିଜୟ ଦାସ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବୀ କରିଛନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray